# ବ୍ରହ୍ମପୁରରେ ଭୋଗି ଓ ପୋଙ୍ଗଲ ଉତ୍ସବ





**ବ୍ରହ୍ମପୁର,୧୩।୧(ସମିସ)**

ବ୍ରହ୍ମପୁର ସହରରେ ବସବାସ କରୁଥିବା ତେଲୁଗୁ ଭାଇ ଭଉଣୀଙ୍କ ମାନଙ୍କ ପକ୍ଷରୁ ମକର ପର୍ବ ବା ପୋଙ୍ଗାଲ ପାଳିତ ହୋଇଯାଇଛି। ସକାଳୁ ଆନ୍ଧ୍ର ଭାଷା ବିଭର୍ଦ୍ଧନି ମହିଳା ସମାଜମ ପକ୍ଷରୁ ପ୍ରକାଶମ ହଲ ନିକଟରେ ମିଳିତ ଭାବେ ଭୋଗି ଓ ସଂକ୍ରାନ୍ତି ପାଳିତ ହୋଇଥିଲା। ନୂଆ ଅନ୍ନରେ ସମସ୍ତେ ଭୋଗ ଖାଇଥିଲେ। ସାଂସ୍କୃତିକ ପ୍ରଦର୍ଶନୀ ଜରିଆରେ ସତ୍ୟ ନାରାୟଣ ସ୍ୱାମୀ ମନ୍ଦିର ନିକଟରୁ ପ୍ରକାଶମ ହଲ ପର୍ଯ୍ୟନ୍ତ ପୂର୍ଣ୍ଣ କୁମ୍ଭ ଯାତ୍ରା ହୋଇଥିଲା। ଏଥିରେ ଐତିହାସିକ ମକର ପର୍ବର ସମସ୍ତ ପାରମ୍ପରିକ ଭାଷା ଭୂଷା ମାଧ୍ୟମରେ ନୃତ୍ୟ ସହିତ ଶୋଭଯାତ୍ରାରେ ଯାଇଥିଲେ। ଏଥିରେ ବ୍ରହ୍ମପୁର ସାଂସଦ ଡ଼ ପ୍ରଦୀପ କୁମାର ପାଣିଗ୍ରାହୀ, ମେୟର ସଂଘମିତ୍ରା ଦଳେଇ, ପୂର୍ବତନ ଉପବାଚସ୍ପତି ରାମ ପଣ୍ଡାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।

ସେହିଭଳି ସନ୍ଧ୍ୟାରେ ନୀଳକଣ୍ଠେଶ୍ୱର ମନ୍ଦିର ନିକଟସ୍ଥ ଖେଳ ପଡ଼ିଆରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ସାଉଥ ଇଣ୍ଡିଆନ ଷ୍ଟାର ସାଇ କୁମାର ଓ କମେଡ଼ିଆନ ଓ ସିଙ୍ଗରମାନେ ଯୋଗ ଦେଇଥିଲେ।

## ରାଜ୍ୟସ୍ତରୀୟ ଭାରୋତ୍ତୋଳନରେ ଡମ୍ବରୁ

**ଗଞ୍ଜାମ,୧୩।୧(ସମିସ):** ଆସନ୍ତା ୧୭, ୧୮, ୧୯ ତିନିଦିନ ଧରି ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ ଭରୋତ୍ତଳନରେ ଭାଗ ନେବେ ଗଞ୍ଜାମ ସହରର ଜି ଡ଼ମ୍ବରୁଧର ରାଓ। ୨୩ ବର୍ଷ ସିନିଅର ପ୍ରତିଯୋଗିତାରେ ଭାଗ ନେବେ ଡମ୍ବରୁ। ଏଥିପାଇଁ ସେ ଦୀର୍ଘ ପାଞ୍ଚ ବର୍ଷରୁ ଊର୍ଦ୍ଧ ହେବ କୋଚ ଜିତେଶ ଦାସଙ୍କ ପାଖରେ ପ୍ରଶିକ୍ଷଣ ନେଉଛନ୍ତି। ଶେରଗଡ଼ ପାୱାର ଲିଫ୍ଟ ସମ୍ପାଦକ ଦେବାଶିଷ ମହାନ୍ତିଙ୍କ ନେତୃତ୍ୱରେ ଡମ୍ବରୁଙ୍କ ବ୍ରହ୍ମପୁର ଅଞ୍ଚଳର ଆଶିଷ ସାହୁ ଓ ବରୁଣ ରାଓ ମଧ୍ୟ ଅଂଶଗ୍ରହଣ କରୁଛନ୍ତି। ଡମ୍ବରୁ ନିଶ୍ଚିତ ସଫଳତା ହାସଲ କରିବେ ବୋଲି କୋଚ ଜିତେଶ ଆଶାବାଦୀ ଥିବା ଗଣମାଧ୍ୟମକୁ ସୂଚନା ମିଳିଛି।

● ଶୀତ ମହୋତ୍ସବ ଉଦ୍‌ଯାପିତ

## ମଣ୍ଟୁ ଛୁରିଆଙ୍କ ଗୀତରେ ଝୁମିଲେ ଦର୍ଶକ



ଦାରିଙ୍ଗବାଡି,୧୩।୧(ସମିସ): ଦାରିଙ୍ଗବାଡିରେ ତିନି ଦିନ ଧରି ଚାଲିଥିବା ଶୀତ ମହୋତ୍ସବ ସୋମବାର ଉଦଯାପିତ ହୋଇଛି । ଉଦଯାପନୀ ସନ୍ଧ୍ୟାରେ ସମିତି ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଏବଂ ଅତିଥି ଭାବେ ଜି.ଉଦୟଗିରି ବିଧାୟକ ପ୍ରଫୁଲ୍ଲ ପ୍ରଧାନ, ଫୁଲବାଣୀ ବିଧାୟକ ଉମାଚରଣ ମଲିକ, କୋଟଗୋଡ଼ ବ୍ଲକ ଅଧ୍ୟକ୍ଷ ପିଙ୍କି ପ୍ରଧାନ, ପୂର୍ବତନ ବିଧାୟିକା ଅଜୟନ୍ତି ପ୍ରଧାନ ଓ ବାଲିଗୁଡା ଏସଡିପିଓ ରମେନ୍ଦ୍ର ପ୍ରସାଦ ଯୋଗ ଦେଇଥିଲେ। ସ୍ୱାଗତ ଭାଷଣ ତହସିଲଦାର ଶରତ ଶବର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ସମ୍ପାଦକ ତଥା ବିଡ଼ିଓ ପ୍ରୀତିରଞ୍ଜନ ରଥ ଏବଂ ତହସିଲଦାର ଅତିଥିଙ୍କୁ ଫୁଲଗୁଚ୍ଛ ଅଙ୍ଗବସ୍ତ୍ର ଏବଂ ସ୍ମୃତି ଫଳକ ପ୍ରଦାନ କରି ସ୍ୱାଗତ କରିଥିଲେ। ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ସମସ୍ତ ସମିତିସଭ୍ୟ ଏବଂ ସରପଞ୍ଚଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିବାନନ୍ଦ ବାରିକ ଏବଂ ଲିଜା ସାହୁ ସଂଯୋଜନା କରିଥିଲେ । ଥାନାଧିକାରୀ କନକ ମାଝୀଙ୍କ ନେତୃତ୍ୱରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା । ମଣ୍ଟୁ ଛୁରିଆଙ୍କ ଗୀତରେ ଝୁମିଲେ ଦର୍ଶକ। କାର୍ଯ୍ୟକ୍ରମର ସମ୍ପାଦକ ଶ୍ରୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## ସାରଙ୍ଗଡ଼ ବ୍ଲକ୍ ଗଠନ ଦାବି

**କ.ନୂଆଗାଁ,୧୩।୧(ସମିସ):** କନ୍ଧମାଳ ଜିଲ୍ଲା କ.ନୂଆଗାଁ ବ୍ଲକ ସାରଙ୍ଗଡକୁ ବ୍ଲକ ଗଠନ ଦାବି ହୋଇଛି। ଏଥିନେଇ ୩ ପଞ୍ଚାୟତ ବଣ୍ଡଗୁଡ଼ା, ଜିରିଡିକିଆ ଓ ସାରଙ୍ଗଡ ପଞ୍ଚାୟତର ଶତାଧିକ ଗ୍ରାମବାସୀ ସାରଙ୍ଗଡ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଏକତ୍ର ହୋଇ ବୈଠକ କରିଥିଲେ। ଅସ୍ଥାୟୀ ସଭାପତି ସହଦେବ ପାତ୍ରଙ୍କ ନେତୃତ୍ୱରେ ବୈଠକ ହୋଇଥିଲା। ୩ ପଞ୍ଚାୟତବାସୀ ଏକ ସ୍ୱରରେ ସାରଙ୍ଗଡକୁ ବ୍ଲକ କରାଯିବାକୁ ଦାବି କରିଥିଲେ। ସମସ୍ତେ ଦାବି ଉପସ୍ଥାପନ କରିବା ନିମନ୍ତେ ବୈଠକରେ ଆଲୋଚନା କରିଥିଲେ। ସମାଜସେବୀ କେଶବ ସାହୁ, ବାସୁଦେବ ବିଷୋୟୀ ବିଘ୍ନେଶ୍ୱର ପ୍ରଧାନ, ମାଧୁରୀ ସାହୁ, ବିଶ୍ୱେକେସନ ପ୍ରଧାନ, ପ୍ରକାଶ ମୁଖୀ ସାରଙ୍ଗଡ ସରପଞ୍ଚ ବରୁଣ କହଁର, ବଣ୍ଡଗୁଡା ସରପଞ୍ଚ ସଞ୍ଜୟ ପ୍ରଧାନ, ଜିରିଡିକିଆ ସରପଞ୍ଚ ରାଜକୁମାରୀ ପ୍ରଧାନ, ସାମନ୍ତ ସିଂ ପାତ୍ର, ଦିଲୀପ ପ୍ରଧାନ, କୈଳାସ ପାତ୍ର, ଶେଷଦେବ ପ୍ରଧାନ, ଜୟସେନ ପୂଜାରୀ, ଗୋପିନାଥ ଦଳବେହେରା, ସନ୍ତୋଷ ପ୍ରଧାନ ଉପସ୍ଥିତ ଥିଲେ।

## କଳିଙ୍ଗ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ

ବ୍ରହ୍ମପୁର,୧୩।୧(ସମିସ): ରଘୁପତି ନଗର କଳିଙ୍ଗ ବିଦ୍ୟା ମନ୍ଦିରର ୩୧ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସଭାପତି ଜବହାରଲାଲ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମହାମାୟୀ ମହିଳା କଲେଜ ଅଧ୍ୟାପକ ଡ. ରମେଶ ପ୍ରଧାନ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ସାମ୍ବାଦିକ ସୁଦର୍ଶନ ନାୟକ, ସମ୍ମାନିତ ଅତିଥି ପୂର୍ବତନ କର୍ପୋରେଟର ଏମ୍ ଜଗଦୀଶ ରାଓ ଏବଂ ଅବସରପ୍ରାପ୍ତ ସେନାଧିକାରୀ ଅଶୋକ ସାମନ୍ତ ଯୋଗ ଦେଇଥିଲେ। ବିଦ୍ୟାଳୟ ସମ୍ପାଦକ ହରିକୃଷ୍ଣ କୋଠିଆ ସମ୍ପାଦକ ବିବରଣୀ ପାଠ ଏବଂ ପ୍ରଧାନ ଶିକ୍ଷୟିତ୍ରୀ ଶର୍ମିଳା ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନମାଳୀ ପ୍ରଧାନ, ପ୍ରତିଭା ପଣ୍ଡା, ସୁବାଷ ମହାରଣା, କୈଳାସ ଗୌଡ଼, ଉଦୟ ସେଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ବିଦ୍ୟା ମନ୍ଦିରର ଶିକ୍ଷକ, ଶିକ୍ଷୟିତ୍ରୀ କୈଳାସ ପାଣିଗ୍ରାହୀ, ଅସିତ ପଟ୍ଟନାୟକ, ସୁବାଷ ସେଠୀ, ବ୍ୟାପ୍ତିଲତା ସାହୁ ମଞ୍ଚ ପରିଚାଳନା କରିଥିଲେ।

## ଦୋକାନ ଭାଙ୍ଗି ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଅଳଙ୍କାର ଓ ସାମଗ୍ରୀ ଚୋରି

**ଫୁଲବାଣୀ,୧୩।୧(ସମିସ):** କନ୍ଧମାଳ ଜିଲ୍ଲା ସଦର ଥାନା ଅନ୍ତର୍ଗତ ମଜୁରୀବିଡ଼ା ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ଏକ କିରାଣୀ ଦୋକାନରେ କିଛି ଦୁର୍ବୃତ୍ତ ଘର ପଛ ପଟେ ଥିବା ଲୁହା ଗ୍ରୀଲ କବାଟକୁ ଭାଙ୍ଗି ଘରେ ପଶି ଶୋଇଥିବା ଲୋକଙ୍କୁ ନିଶା ସ୍ପ୍ରେ ଦେଇ ଆଲମିରା ଲକରକୁ ଭାଙ୍ଗି ଅଳଙ୍କାର ଓ ଟଙ୍କା ନେଇ ଯାଇଛନ୍ତି।

ଏଥିସହ ଦୋକାନ ଘରେ ଥିବା ଡ୍ର ଭାଙ୍ଗି ଦୋକାନରେ ଲାଗୁଥିବା ସିସି କ୍ୟାମେରା, ହାର୍ଡ ଡିସ୍କ ଓ ମୂଲ୍ୟବାନ ସମାଗ୍ରୀ ଚୋରି ହୋଇଥିବା ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି



ଦୋକାନ ମାଲିକ ପୂର୍ଣ୍ଣ ଚନ୍ଦ୍ର ମହାନ୍ତି । ଅଭିଯୋଗ ପ୍ରକାରେ ସଦର ପୁଲିସ ଅଧିକାରୀ ସତିତ୍ ଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି । ଏନେଇ ଏକ ମାମଲା ସନ୍ଧାନ କୁକୁର ସହାୟତାରେ ତଦନ୍ତ ଜାରି ୩ ଜାରି ରହିଥିବା ଥାନା ରୁଜୁ କରାଯାଇଥିବା ବେଳେ ଚୋରିରେ ଯେଉଁମାନେ ସମ୍ପୃକ୍ତ ଅଛନ୍ତି ଖୁବ ଶୀଘ୍ର ଧରାଯିବ ବୋଲି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସ୍ନେହାଶିଷ୍ ସାହୁ କହିଛନ୍ତି । ତେବେ ରାସ୍ତା ପାର୍ଶ୍ୱରୁ ଏଭଳି ଚୋରି ଘଟଣାକୁ ନେଇ ସଂପୃକ୍ତ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ପୁଲିସ୍ ପକ୍ଷରୁ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ଦାବି ହୋଇଛି । ପ୍ରାୟ ୨୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ସାମଗ୍ରୀ ଚୋରି ହୋଇଥିବା ହେବ ବୋଲି ପରିବାର ପକ୍ଷରୁ କୁହାଯାଇଛି ।

## ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେବଙ୍କ ଜୟନ୍ତୀ



**ବ୍ରହ୍ମପୁର,୧୩।୧(ସମିସ):** ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେବଙ୍କ ୧୨୫ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏ ଅବସରରେ ବିଶ୍ୱବିଦ୍ୟାଳୟରେ ଥିବା ମହାରାଜାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି। ସ୍ମୃତି ସଭାରେ କୁଳସଚିବ ଶାନ୍ତିସୁଧା ପାତ୍ର, ବରିଷ୍ଠ ପ୍ରାଧ୍ୟାପକ ଡ. ଦୀପକ ମିଶ୍ର, ଇତିହାସ ବିଭାଗର ମୁଖ୍ୟ ଡ. ପ୍ରଶାନ୍ତ କୁମାର ନରେନ୍ଦ୍ର ଓ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷା ପ୍ରଫେସର ପଦ୍ମିନୀ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଖଲ୍ଲିକୋଟ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେବଙ୍କ ସ୍ମୃତିଚାରଣ କରିବା ସହ ଓଡ଼ିଶାର ଭାଷା, ସଂସ୍କୃତି ଓ ସାହିତ୍ୟ ପ୍ରତି ତାଙ୍କର ଅବଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଗଞ୍ଜାମ ଜିଲ୍ଲାରେ ନଦୀ ଉପରେ ପୋଲ ନିର୍ମାଣ ପୂର୍ବକ ଗମନାଗମନକୁ ସୁଲଭ କରିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ସେହିପରି ଓଡ଼ିଶାକୁ ସବୁଠାରୁ ବଡ଼ ଅବଦାନ ଥିଲା ଖଲ୍ଲିକୋଟ ମହାବିଦ୍ୟାଳୟର ପ୍ରତିଷ୍ଠା ଯାହାକି ବର୍ତ୍ତମାନ ବିଶ୍ୱବିଦ୍ୟାଳୟରେ ପରିଣତ ହୋଇଛି ବୋଲି ବକ୍ତାମାନେ ମତ ଦେଇଥିଲେ। ସଭାରେ ସମସ୍ତ ସଦସ୍ୟ ତଥା ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

**ହିଞ୍ଜିଲିକାଟୁ,୧୩।୧(ସମିସ):** ହିଞ୍ଜିଲିକାଟୁ ବିଜ୍ଞାନ ସ୍ୱୟଂଶାସିତ ମହାବିଦ୍ୟାଳୟ ତରଫରୁ ଖଲ୍ଲିକୋଟର ସ୍ୱର୍ଗତ ରାଜାସାହେବ ରାଜାବହାଦୁର ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ୧୨୫ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଅରୁଣ କୁମାର ଖାଡ଼ଙ୍ଗାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରାକ୍ତନ ବାଣିଜ୍ୟ ବିଭାଗ ମୁଖ୍ୟ ଡ଼. ପ୍ରକାଶ ଚନ୍ଦ୍ର ମିଶ୍ର ମୁଖ୍ୟ ଅତିଥି ଓ ହିଞ୍ଜିଲିକାଟୁ ସ୍ୱୟଂଶାସିତ ବିଜ୍ଞାନ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ଼. ରମରମଣ ପାଢ଼ୀ ମୁଖ୍ୟବକ୍ତା ଭାବରେ ଯୋଗଦେଇଥିଲେ। ହିଞ୍ଜିଲିକାଟୁ କଲେଜ ଆଇକ୍ୟୁଏସି ସଂଯୋଜକ ଡ଼. ପ୍ରଫୁଲ୍ଲ ରଥ ମଞ୍ଚାସିନ ଥିଲେ। ମର୍ଦ୍ଦରାଜ ଜୟନ୍ତୀ ପାଳନ କମିଟିର ଆବାହକ ପ୍ରାଧ୍ୟାପକ ଡ଼. ପ୍ରଦୀପ କୁମାର ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ, ଶିକ୍ଷା, କୃଷି ଓ ଯୋଗାଯୋଗ କ୍ଷେତ୍ରରେ ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ଉଲ୍ଲେଖନୀୟ ଅବଦାନ ରହିଥିଲା ବୋଲି ମୁଖ୍ୟଅତିଥି ଡ଼. ମିଶ୍ର ମତବ୍ୟକ୍ତ କରିଥିଲେ।

ମୁଖ୍ୟବକ୍ତା ଡ଼. ପାଢ଼ୀ ରାଜାବହାଦୁରଙ୍କ ସମ୍ପୂର୍ଣ୍ଣ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପକ ଡ଼. ସୁରଜ କୁମାର ସାହୁ, ଡ଼. ଗୋକୁଳାନନ୍ଦ ପାତ୍ର, ଅବିନାଶ ଲେଙ୍କା, ଅନିଲ କୁମାର ପାତ୍ର ପରିଚାଳନାରେ ସହଯୋଗ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ଫେସ୍‌ବୁକ ପୋଷ୍ଟକୁ ନେଇ ଧମକ

**ବ୍ରହ୍ମପୁର,୧୩।୧(ସମିସ):** ଫେସବୁକରେ ଏକ ପୋଷ୍ଟ ଏବଂ ସେଥିରେ କମେଣ୍ଟକୁ ନେଇ ଜଣେ ଯୁବକଙ୍କୁ ଧମକ ଦିଆଯାଇଛି। ଏକ ଯୁବ ଗୋଷ୍ଠୀ ଅଭିଯୋଗକାରୀ ଯୁବକଙ୍କୁ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିବା ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଛି। ସୂଚନାପ୍ରକାରେ, କିଛି ଦିନ ତଳେ ବିଜେଡି ଦଳର ଜଣେ ରାଜ୍ୟ ନେତାଙ୍କ ଫେସବୁକ ପୃଷ୍ଠାରେ ଏକ ବିଷୟରେ ପୋଷ୍ଟ କରାଯାଇଥିଲା। ସେହି ପୋଷ୍ଟ ଉପରେ ଶ୍ରୀନିବାସ ମଣ୍ଡଳ ନାମକ ଜଣେ ଯୁବକ ଏକ କମେଣ୍ଟ ଦେଇଥିଲେ। ଲାଞ୍ଜିପଲ୍ଲୀ ରାମନଗର ପ୍ରଥମ ଲାଇନର ଯୁବକ ବଳରାମ ମହାନ୍ତି ସେହି ଫେସବୁକ କମେଣ୍ଟକୁ ନେଇ ନିଜେ ଏକ କମେଣ୍ଟ ଦେଇଥିଲେ। କିଛି ଦିନ ଯିବା ପରେ ଗତକାଲି ବଳରାମ ଲାଞ୍ଜିପଲ୍ଲୀ ଠାରେ ଥିବା ସମୟରେ ଏକ ଅଜଣା ନମ୍ବରରୁ ତାଙ୍କ ନିକଟକୁ କଲ ଆସିଥିଲା। କଲ କରିଥିବା ଯୁବକ ଜଣଙ୍କ ସେହି ଫେସବୁକ କମେଣ୍ଟକୁ ନେଇ ବଳରାମକୁ ଏବଂ ତାଙ୍କ ପରିବାର ଲୋକଙ୍କ ନାଁରେ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏପରିକି ଫୋନ କରିଥିବା ଯୁବକ ଓ ତାଙ୍କ ସହଯୋଗୀମାନେ ଏକତ୍ରିତ ହୋଇ ଗାଳିଗୁଲଜ କରିବା ସହ ତାଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏହାପୂର୍ବରୁ ମଧ୍ୟ ବଳାରାମଙ୍କୁ ଧମକ ଦିଆଯାଇଥିଲା ବୋଲି ସେ ପୁଲିସ ନିକଟରେ ଅଭିଯୋଗ କରିଛନ୍ତି। ଏହି ଫେସବୁକ ପୋଷ୍ଟ ଓ କମେଣ୍ଟ ଘଟଣା ପଛରେ ୨ରାଜନୈତିକ ଦଳର କର୍ମୀ ରହିଥିବା ସନ୍ଦେହ କରାଯାଉଛି। ବଳରାମ ଶ୍ରୀନିବାସଙ୍କ ନାମରେ ଥାନାରେ ଏତଲା ଦେଇଥିବା ଜଣାପଡ଼ିଛି।

## ଗଞ୍ଜାମରେ ନିର୍ମାଣ ହେବ ରାମ ମନ୍ଦିର

**ଗଞ୍ଜାମ,୧୩।୧(ସମିସ):** ଗଞ୍ଜାମ ସହରାଞ୍ଚଳରେ ରାମ ମନ୍ଦିର ନିର୍ମାଣକୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳର ସୀତାରାମ ଫାଉଣ୍ଡେସନ ପକ୍ଷରୁ ଏକ ବୈଠକ କଲେଜ ରୋଡ଼ ସ୍ଥିତ ମା'ବୁଢ଼ୀ ଠାକୁରାଣୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ରାମ ମନ୍ଦିର ନିର୍ମାଣ ନିମନ୍ତେ ଅର୍ଥ କେଉଁଠୁ ଆସିବ, କେତେ ଅର୍ଥ ଖର୍ଚ୍ଚ ହେବ,କେଉଁଠାରେ ନିର୍ମାଣ ହେବ ସେଥିପାଇଁ ସ୍ଥାନ ଚିହ୍ନଟ ଆଦି ଆଲୋଚନା ହୋଇଥିଲା। ବୈଠକରେ ପୂର୍ବତନ କାଉନସିଲର ଦୁର୍ଗା ମାଧବ ପାଣିଗ୍ରାହୀ, ଯୁବ ସ୍ୱେଚ୍ଛାସେବୀ ସୁଧୀର କୁମାର ପାଢ଼ୀ, ଛବିଲାଲ ସାହୁ, କୁନା ରେଡି, କାହ୍ନୁ ଦଳାଇ, ପ୍ରଭାତ ସ୍ୱାଇଁ, ଅମନ କୁମାର ସାହୁ, ରାଜେଶ ଦାସ, ଗଣପତି ବେହେରାଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଯୁବ ଗୋଷ୍ଠୀ ଉପସ୍ଥିତ ଥିଲେ।

## ଦଣ୍ଡକାଳୀ ମନ୍ଦିରରେ ଲାଗିଲା ସିସିଟିଭି

**ଗଞ୍ଜାମ,୧୧।୧(ସମିସ):** ଗଞ୍ଜାମ ସହରସ୍ଥିତ କଲେଜ ରୋଡ଼ରେ ଅବସ୍ଥିତ ମା'ଦଣ୍ଡକାଳୀଙ୍କ ମନ୍ଦିରରେ ଶନିବାର ସିସିଟିଭି କ୍ୟାମେରା ଲାଗିଛି । ଗଞ୍ଜାମ ସହର ଦ ଇକୋ ୱାରିଆର୍ ଏବଂ ଯୁବ ସ୍ୱେଚ୍ଛାସେବୀ ସୁଧୀର ପାଢ଼ୀଙ୍କ ମିଳିତ ସହଯୋଗରେ ଉକ୍ତ ସିସି ଟିଭି କ୍ୟାମେରା ଲାଗିଥିବା ମନ୍ଦିର ପରିଚାଳନା କମିଟି ପକ୍ଷରୁ କୁହାଯାଇଛି। ଗତ ମାସରେ ଗଞ୍ଜାମ ସହର ଓ ରମ୍ଭା ଅଞ୍ଚଳର ବିଭିନ୍ନ ମନ୍ଦିର ଏମିତିକି ଉକ୍ତ କାଳୀ ମନ୍ଦିରରୁ ମା'ଙ୍କ ବିଭିନ୍ନ ସ୍ୱର୍ଣ୍ଣ ଅଳଙ୍କାର ଓ ଦାନ ହୁଣ୍ଡିରୁ ଟଙ୍କା ସୁନା ଲୁଟି ନେଇଥିଲେ। ତେଣୁ ସୁରକ୍ଷା ଦୃଷ୍ଟିରୁ ଏଭଳି ପଦକ୍ଷେପ ନିଆଯାଇଥିବା ଜଣାପଡିଛି।

# ଆଜି ମକର; ନିଆରା ବାସୁଛି ମୁଆଁର ମହକ



**ଶେରଗଡ଼,୧୩।୧(ସମିସ)**

ବର୍ତ୍ତମାନ ଓଡିଶାରେ ମୁଆଁର ମହକ ବାରି ହେଉଛି। ଶେରଗଡ ବଜାର ଠାରୁ ଆରମ୍ଭ କରି ରାଜ୍ୟର ବିଭିନ୍ନ ସହରରେ ଏବେ ମୁଆଁର ପସରା ଖୋଲିଛି। ବିଶେଷ କରି ଧନୁ ସଂକ୍ରାନ୍ତି ଠାରୁ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ମୁଆଁ ବେପାର ଧୂମଧାମରେ ଚାଲିଥାଏ। ଶେରଗଡ ସହରରୁ ଓଡ଼ିଶାର ବିଭିନ୍ନ ସ୍ଥାନକୁ ମୁଆଁ ଯୋଗାଣ ହେଉଛି। ଗଞ୍ଜାମ ଜିଲ୍ଲା ମୁଆଁର ସ୍ୱତନ୍ତ୍ରତା ରହିଛି। ଏହା ସିଜନ ବେପାର ହୋଇଥିବାରୁ ଦୁଇ ପଇସା ରୋଜଗାର ଆଶାରେ ମୁଆଁ କାରିଗର ମାନେ ଲାଗି ପଡିଛନ୍ତି। ଧାନ କଟା ହୋଇ ଖଳାକୁ ଆସିବା ପରେ ଧାନ ଗଦା ନିକଟରେ ମୁଆଁ ପୂଜା ହେବାର ପରମ୍ପରା ରହିଛି। ବର୍ତ୍ତମାନ ଧାନ ଅମଳ ସମୟ। ତେଣୁ ବଜାରରେ ଭଳିକି ଭଳି ମୁଆଁ ମିଳୁଛି। ମିଠା ଦୋକାନ ତଥା ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ରେ ବହୁ ରକମର ମୁଆଁ ବିକ୍ରି ଚାଲିଛି। ଏହି ମୁଆଁ ୨୦୦ ଗ୍ରାମ ଓଜନ ଠାରୁ ଆରମ୍ଭ କରି ୧ କେଜି ଓଜନ ପର୍ଯ୍ୟନ୍ତ ଉପଲବ୍ଧ ହୋଇଥାଏ। ମୁଆଁର ସ୍ୱାଦ ଓ କ୍ୱାଲିଟି ଅନୁସାରେ ଦର ଧାର୍ଯ୍ୟ ହୋଇଥାଏ। ମୁଆଁ କେଜି ୨ ଶହ ଟଙ୍କାରୁ ଆରମ୍ଭ ହୋଇ ୫ ଶହ ଟଙ୍କା ରହିଛି। ଘିଅରେ ପ୍ରସ୍ତୁତ ମୁଆଁ ସହ ଚିନି ମୁଆଁ, ବାଦାମ ମୁଆଁ ଭଳି ବିଭିନ୍ନ ପ୍ରକାରର ମୁଆଁ ବଜାରରେ ବିକ୍ରି ହେଉଛି। ଧନୁ ସଂକ୍ରାନ୍ତି ଠାରୁ ସାଧାରଣତଃ ମୁଆଁ ବେପାର ଜୋର ଧରିଥାଏ। ମକର ସଂକ୍ରାନ୍ତି ପରେ ଏହି ମୁଆଁ ବ୍ୟବସାୟ କମି କମି ଆସିଥାଏ ବୋଲି ବ୍ୟବସାୟୀ ମାନେ କହନ୍ତି। ଶେରଗଡ ଅଞ୍ଚଳରେ ବହୁ ମୁଆଁ ଭାଟି ରହିଛି। ଏହି ଭାଟିରେ ବିଭିନ୍ନ ରକମର ମୁଆଁ ପ୍ରସ୍ତୁତ କରିବା ପରେ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ପଠା ଯାଇଥାଏ। ମୁଆଁ ପ୍ରସ୍ତୁତିରେ ଚିନି, ଲିଆ, ଘିଅ, ନଡ଼ିଆ, କାଜୁ, ପିସ୍ତା ବାଦାମ, ଚିନା ବାଦାମ, ଲେମ୍ବୁ ରସ, କୁଙ୍କୁମ ମିଠା ଆବଶ୍ୟକ ହୋଇଥାଏ। ପ୍ରଥମେ ଚିନିକୁ ପାଗ କରାଯାଏ। ଗରମ ଚିନି ପାଗରେ ପୂର୍ବରୁ ପ୍ରସ୍ତୁତ ହୋଇଥିବା ସଫା ଲିଆ ପକାଇ ଘଣ୍ଟା ଯାଇଥାଏ। ପରେ ବିଭିନ୍ନ ଆକୃତିର ଛାଞ୍ଚରେ ଚିନି ପାଗରେ ପ୍ରସ୍ତୁତ ଲିଆକୁ ଓଜନ କରି ପକାଯାଇ ବିଭିନ୍ନ ଆକୃତି ଦିଆଯାଇଥାଏ। ମୁଆଁର ଉପରି ଭାଗରେ ଗୁଡରେ ଛଣା ଯାଇଥିବା ନଡିଆ ଖଣ୍ଡ, କାଜୁ, କୁଙ୍କୁମ ମିଠା କୁ ସଜାଯାଇଥାଏ। ତେବେ ଘିଅ ମୁଆଁ ପ୍ରସ୍ତୁତି ଟିକିଏ ଅଲଗା। ଘିଅ ମୁଆଁ ପ୍ରସ୍ତୁତି ସକାଶେ ଲିଆକୁ ପ୍ରଥମେ ଘିଅରେ ଛଣାଯାଇଥାଏ। ଶେରଗଡ ଅଞ୍ଚଳରୁ ଦୈନିକ ୮୦ ହଜାରରୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମୁଆଁ ବାହାରକୁ ପଠାଯାଇଥାଏ।

ଏହି ବ୍ୟବସାୟ ଆମର କୌଳିକ ବୃତ୍ତି। ବାପା ଅଜା ଅମଳରୁ ଘରେ ମୁଆଁ ତିଆରି ହେବାର ଦେଖିଆସିଛି। ବାପାଙ୍କୁ ଦେଖି ତାଙ୍କ ଠାରୁ ଶିଖି ଏହି ମୁଆଁ ପରମ୍ପରାକୁ ଆଗକୁ ନେଇଛି। ଖାଲି ବୃତ୍ତିକୁ ବଞ୍ଚାଇ ରଖିବା ଲାଗି ଏଠି ମୁଆଁ କାମ କରୁଛି, ତା ନୁହେଁ, ଏହି ବ୍ୟବସାୟ କରିବା ଦ୍ୱାରା ମନକୁ ଶାନ୍ତି ମିଳେ। ସକାଳ ହେଲେ ଓଡ଼ିଶାର ବିଭିନ୍ନ ଜାଗା ଏବଂ ବ୍ୟବସାୟୀଙ୍କ ସହ ବ୍ୟବସାୟ ବାବଦରେ ବାର୍ତ୍ତାଳାପ କରିବାରେ ଆନନ୍ଦ ମିଳେ।



ରମେଶ ଚନ୍ଦ୍ର ପାତ୍ର,
ତରାତାରିଣୀ ମୁଆଁ ଭଣ୍ଡାର, ବ୍ୟବସାୟୀ

ବାପା ଆରମ୍ଭ କରିଥିଲେ ବ୍ୟବସାୟ। ପିଲା ବେଳୁ ଦେଖି ଆସିଛି ଏହି ମୁଆଁ କାମ। ଆଜକୁ ପ୍ରାୟ ୩୨ ବର୍ଷ ତଳେ ୧୯୯୩ ମସିହାରେ ବାପା ଶ୍ୟାମ ସୁନ୍ଦର ପାତ୍ର ଏହି ମୁଆଁ କାମ ଆରମ୍ଭ କରିଥିଲେ। ସେବେଠାରୁ ଚାଲିଛି ଏହି କାର୍ଯ୍ୟ। ପ୍ରଥମେ ଗୁଡରେ ହିଁ ମୁଆଁ ତିଆରି ହେଉଥିଲା। କିନ୍ତୁ ପରେ ପରେ ବିଭିନ୍ନ ପ୍ରକାରର ମୁଆଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ପାଠ ପଢା ସାରି ଧିରେ ଧିରେ ବାପାଙ୍କୁ ସାହାଯ୍ୟ କରୁଥିଲି। ବାପାଙ୍କ ଠାରୁ ଶିଖି ଏହି କାର୍ଯ୍ୟ ଜାରି ରଖିଛି।



ଲକ୍ଷ୍ମୀ ନାରାୟଣ ପାତ୍ର, ବ୍ୟବସାୟୀ

## ଫିରିଙ୍ଗିଆରେ କାମ କରୁନି ଜିଓ ନେଟ୍‌ୱାର୍କ

**ଫିରିଙ୍ଗିଆ,୧୩।୧(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ମୁଖ୍ୟାଳୟରେ ଥିବା ଜିଓ ନେଟୱାର୍କ ଠିକ ଭାବେ କାମ କରୁ ନ ଥିବା ଯୋଗୁଁ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଆଗାମୀ ଦିନରେ ଜିଓ ସେବା ଠିକ ଭାବରେ ଯୋଗାଇ ନ ଦେଲେ ବାଧ୍ୟ ହୋଇ ଆନ୍ଦୋଳନ କରିବେ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

## ରାଷ୍ଟ୍ରୀୟ ଯୁବ ଦିବସରେ ବେଳାଭୂମି ସଫେଇ




**ବ୍ରହ୍ମପୁର,୧୩।୧(ସମିସ):** ଏମକେସିଜି ମେଡ଼ିକାଲର ଫାର୍ମାସୀ ଅଫିସର ଓ ରୋଲାଣ୍ଡ ଫାର୍ମାସୀ କଲେଜର ରିପୋନୋଭା କ୍ଲବ ପକ୍ଷରୁ ରାଷ୍ଟ୍ରୀୟ ଯୁବ ଦିବସ ପାଳିତ କରାଯାଇଛି। ଫାର୍ମାସୀ ଅଫିସର ସୁଶାନ୍ତ କୁମାର ପ୍ରଧାନଙ୍କ ନେତୃତ୍ୱରେ ଗୋପାଳପୁର ବେଳାଭୂମିକୁ ସଫେଇ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରୋଲାଣ୍ଡ ଫାର୍ମାସି କଲେଜର ଅଧ୍ୟକ୍ଷ ଡଃ ବିଭିଭି ରବିକୁମାର ଏବଂ ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ଡାଇବେଟିସ୍ ବିଶେଷଜ୍ଞ ଡା. ସୁନୀଲ କୋଟା ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ରୋଲାଣ୍ଡ ଫାର୍ମାସୀ କଲେଜର ଉପ ଅଧ୍ୟକ୍ଷ ସିଏଚ୍ ନିରଞ୍ଜନ ପାତ୍ର, ଓମ ସାଇ ଫାର୍ମାସି କଲେଜର ଅଧ୍ୟକ୍ଷ ଭଗବାନ ବିଶ୍ୱାଳ, ରିପୋନୋଭା କ୍ଲବ ସଂଯୋଜକ ରବି ନାରାୟଣ ରଣା, ଏମକେସିଜି ମେଡ଼ିକାଲ ଫାର୍ମାସୀ ଅଫିସର ସଂଘର ସଭାପତି ସୀମାଞ୍ଚଳ ସାହୁ, ପୂର୍ବତନ ସଭାପତି ସରୋଜ ଜେନା ଓ ଷ୍ଟୋର୍ ଫାର୍ମାସୀ ଅଫିସର ମଳୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଯୁବଶକ୍ତିକୁ ସଂଗଠିତ କରି ପରିବେଶ ସୁରକ୍ଷା ଦିଗରେ ଆଗେଇ ନେବା ସମ୍ପର୍କରେ ଆଲୋଚନା ହୋଇଥିଲା। ପୂର୍ବରୁ ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ଆୟୋଜିତ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ରିପୋନୋଭା କ୍ଲବ ଉପସଭାପତି ଶଶାଙ୍କ ଶେଖର ପଣ୍ଡା, ସମ୍ପାଦକ ପ୍ରଣବ କୋଇଲା, ଅଙ୍ଗନ ବାଲ, ଆଶୁତୋଷ ନେପକ, ସ୍ୱାଗତିକା ଦାସ, ସତ୍ୟପ୍ରକାଶ ସାହୁ, ଗୌତମ ନାୟକ ଓ ପ୍ରବଞ୍ଜନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

ସପ୍ତମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



✓ ସୁପ୍ରଭା ସ୍ୱାଇଁ
(ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ)
ବାମ୍ପିସାହି, କଟକ
ଆବିର୍ଭାବ : ୨୮-୦୮-୧୯୪୦
ତିରୋଧାନ : ୨.୧.୨୦୧୮ (ମାଘ ପ୍ରତିପଦା)

ଆଜିକୁ ଠିକ୍ ସାତ ବର୍ଷ ପୂର୍ବେ ତମେ ଆମକୁ ଶୋକସାଗରରେ ଭସାଇଦେଇ ସବୁଦିନ ପାଇଁ ଚାଲିଗଲ ଅଫେରା ପଥରେ । ତମର ମମତା ଓ ଶ୍ରଦ୍ଧା ଆମ ହୃଦୟରେ ଚିରକାଳ ଅମଳିନ ସ୍ମୃତି ହୋଇରହିବ । ତୁମର ନୀତି, ଆଦର୍ଶ, ସଂସ୍କାର ଓ ପରୋପକାରିତା ଆମ ଜୀବନର ପାଥେୟ ହେଉ । ତମର ଆର୍ଶୀବାଦ ସର୍ବଦା ଆମମାନଙ୍କ ପ୍ରତି ରହିଥାଉ । ତମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ ।

ଶୋକସନ୍ତପ୍ତ :
ପୁତ୍ର - ଆଦିତ୍ୟ, ଆଲୋକ, ବୋହୂ - ପ୍ରଜ୍ଞା, ସୁସ୍ମିତା, କନ୍ୟା - ଜ୍ୟୋତି, ଯୁଗଜ୍ୟୋତି, ଜାମାତା - ବେଦ୍, ଅସୀମ, ନାତୁଣୀ - ଆଦ୍ୟାଶା, ସାଇଅଂଶିକା, ଆୟୁଶା, ଆରୁଷି, ଅନନ୍ୟା ଓ ଆତ୍ମୀୟସ୍ୱଜନ ।

# ଗୋପାଳପୁର ବେଳାଭୂମିକୁ ବ୍ଲୁ ଫ୍ଲାଗ୍ ନିମନ୍ତେ ତଦାରଖ କଲେ ପର୍ଯ୍ୟଟନ ସଚିବ



**ବ୍ରହ୍ମପୁର,୧୩।୧(ସମିସ):** ଗୋପାଳପୁର ବେଳାଭୂମିରେ ବ୍ଲୁ ଫ୍ଲାଗ ବିଚ ନିମନ୍ତେ ଅପରାହ୍ନରେ ପର୍ଯ୍ୟଟନ ବିଭାଗର ସଚିବ ବଳବନ୍ତ ସିଂ ପହଞ୍ଚି ବିଭିନ୍ନ ବିଷୟରେ ତଦାରଖ କରିଥିଲେ। ପରେ ଇକୋ ରିଟ୍ରିଟ ବେଳାଭୂମିଠାରୁ ମତ୍ସ୍ୟ ଅବତରଣ କେନ୍ଦ୍ର ବେଳାଭୂମି ପର୍ଯ୍ୟନ୍ତ ସୌନ୍ଦର୍ଯ୍ୟକରଣ, ଆଲୋକୀକରଣ, ଶୌଚାଳୟ ନିର୍ମାଣ, ବୃକ୍ଷରୋପଣ, ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା, ପର୍ଯ୍ୟଟକଙ୍କ ଚଲା ପଥ, ପାର୍କିଂ, ବେଳାଭୂମି ସଫା ସୁତରା ଆଦି ଉପରେ ଆଲୋଚନା କରିବା ସହ ବ୍ଲୁ ଫ୍ଲାଗ ନିମନ୍ତେ ରହିଥିବା ଆବଶ୍ୟକ ଉପରେ ଆଲୋଚନା କରିଥିଲେ। ତଦାରଖ ବେଳେ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡ଼ା, ବ୍ରହ୍ମପୁର ଉପ-ଜିଲ୍ଲାପାଳ ଦିନା ଦସ୍ତଗିର, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ପାଢ଼ୀ, ବ୍ରହ୍ମପୁର ବିଡ଼ିଏ କର୍ତ୍ତୃପକ୍ଷ ପ୍ରମୁଖ ଉପସ୍ଥିତ ଥିଲେ। ଏନେଇ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ଯୋଗାଯୋଗ ବେଳେ ଗୋପାଳପୁର ବେଳାଭୂମିକୁ କିପରି ଅଧିକ ପର୍ଯ୍ୟଟକ ଆକୃଷ୍ଟ ହେବା ପାଇଁ ବ୍ଲୁ ଫ୍ଲାଗ ନିମନ୍ତେ ଆଲୋଚନା କରିବା ସହ ବେଳାଭୂମିକୁ ସଫା ସୁତରା ରଖିବା ପାଇଁ ପରାମର୍ଶ ଦେଇଥିବା କହିଛନ୍ତି।

## ରୋଗୀ କଲ୍ୟାଣ ସମିତି ବୈଠକରେ ନିଷ୍ପତ୍ତି

# ଖୁବ୍ ଶୀଘ୍ର ସିଟି ହସ୍ପିଟାଲ୍‌ରେ ଅଧିକ ଆଇସିୟୁ

**ବ୍ରହ୍ମପୁର,୧୩।୧(ସମିସ)**

ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ (ଆରଡ଼ିସି)ଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ବ୍ରହ୍ମପୁର ସିଟି ହସ୍ପିଟାଲର ରୋଗୀ କଲ୍ୟାଣ ସମିତି ପରିଚାଳନା ପରିଷଦର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର ସାଂସଦ ଡ଼ ପ୍ରଦୀପ କୁମାର ପାଣିଗ୍ରାହୀ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ାକ୍ତର ବିଜୟ କୁମାର ପଣ୍ଡା, ସିଟି ହସ୍ପିଟାଲ ଅଧିକ୍ଷକ ଡ଼ାକ୍ତର ବିଶ୍ୱମ୍ବର ବେହେରା ମଞ୍ଚାସିନ ଥିଲେ। ସିଟି ହସ୍ପିଟାଲ ବ୍ରହ୍ମପୁର ସହର ସମେତ ଆଖପାଖ ଅଞ୍ଚଳ ଲାଗି ଏକ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ର। ଏହାରି ଉପରେ ପ୍ରତିଦିନ ହଜାର ହଜାର ରୋଗୀ ନିର୍ଭର କରନ୍ତି। ଏଠାରେ କିଭଳି ରୋଗୀଙ୍କୁ ସମସ୍ତ ପ୍ରକାର ଗୁଣାତ୍ମକ ସେବା ମିଳିପାରିବ ସେନେଇ ଆଲୋଚନା କରାଯାଇଥିଲା। ତୁରନ୍ତ ସମସ୍ତ ଅବ୍ୟବସ୍ଥା ସୁଧାର ଆଣିବାକୁ ସାଂସଦ ଓ ବିଧାୟକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷ କରି ନୂତନ କରି କାୟାକଳ୍ପ କାର୍ଯ୍ୟକ୍ରମ ଲାଗି ଏୟାର କ୍ୱାଲିଟି ଇନଡ଼େକ୍ସ ବୋଡର୍ କାର୍ଯ୍ୟକ୍ଷମ, ଆଇସିୟୁ, ଡ଼ାଇଲେସିସ୍ ୟୁନିଟ ସ୍ଥାପନ ସହିତ କାର୍ଯ୍ୟକ୍ଷମ କରିବା ସହିତ ମାତୃ ମୃତ୍ୟୁହାର କମାଇବା, ଥାଲେସେମିଆ ଓ ପେଡ଼ିଆଟିକ ରୋଗୀଙ୍କ ଲାଗି ସେସ୍ୱାଲ ୟୁନିଟ ସ୍ଥାପନ କରିବା, ରୋଗୀଙ୍କୁ ଗୁଣାତ୍ମକ ସେବା ପ୍ରଦାନ କରିବାକୁ ଉପରେ ଆଲୋଚନା ହୋଇଛି। ଗତବର୍ଷ ଏପ୍ରିଲ ପହିଲାରୁ ଡ଼ିସେମ୍ବର ଶେଷ ପର୍ଯ୍ୟନ୍ତ ଏଠାରେ ବିଭିନ୍ନ ବାବଦକୁ ୧୩୦୨୧୩୪ଟଙ୍କା ଖର୍ଚ୍ଚ ହୋଇଥିବା ଏଠାରେ କୁହାଯାଇଥିଲା। ହସ୍ପିଟାଲ ଗୁଡ଼ିକରେ କିପରି ଦଲାଲଗିରି ହଟି ସେନେଇ ଅନ୍ୟ ପ୍ରତିନିଧିମାନେ ମତ ରଖିଥିଲେ। ବିଗତ ଦିନରେ ବହୁ ମାତ୍ରାରେ ସିଟି ହସ୍ପିଟାଲ ସମେତ ଅନ୍ୟାନ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଉଟସୋର୍ସିଂ ସଂସ୍ଥାକୁ ନିଯୁକ୍ତି ଦିଆଯାଇଛି। ବହୁ ବିଭାଗ ଆଉଟସୋର୍ସିଂ ସଂସ୍ଥା ଦ୍ୱାରା ନିଯୁକ୍ତ କର୍ମଚାରୀଙ୍କ ଦ୍ୱାରା ଚାଲୁଛି। ଏହି ତଥ୍ୟ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ପକ୍ଷରୁ ଉପସ୍ଥାପନ କରାଯାଇଥିଲା। ଆଉ କିଛି ସଂସ୍ଥାକୁ ନିୟୋଜିତ ସମ୍ପର୍କରେ ମଧ୍ୟ ମତବ୍ୟକ୍ତ ହୋଇଥିଲା। ଏହି ସମୟରେ ଜନ ପ୍ରତିନିଧିମାନେ ପ୍ରଶ୍ନ କରିଥିଲେ। ଏଗୁଡ଼ିକ ଜନ ପ୍ରତିନିଧିମାନେ ନଜାଣିବା ଓ ଅବଗତ ନ କରାଇବା ନେଇ କ୍ଷୋଭ ପ୍ରକାଶ ପାଇଥିଲା। ଆଉଟସୋର୍ସିଂ କର୍ମଚାରୀ ନିଯୁକ୍ତି ପୂର୍ବରୁ ବିଧାୟକ ଓ ସାଂସଦ ମାନଙ୍କ ସମେତ ପରିଚାଳନା ପରିଷଦ ସଦସ୍ୟଙ୍କ ମତାମତ ଗ୍ରହଣ କରିବାକୁ କୁହାଯାଇଥିଲା। ସେହିଭଳି ବିଭିନ୍ନ ସମୟରେ ଉପୁଯୁଥିବା ସମସ୍ୟାର କିଭଳି ସମାଧାନ କରାଯିବା ସେନେଇ ପ୍ରତ୍ୟେକ ଅଧିକାରୀ ଗୁରୁତ୍ୱ ଦେବାକୁ କୁହାଯାଇଥିଲା। ବିଶେଷ କରି ଗ୍ରାମାଞ୍ଚଳଠାରୁ ସହରାଞ୍ଚଳ ପର୍ଯ୍ୟନ୍ତ ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଦଲାଲଗିରି ହଟାଇବା ଉପରେ ଧ୍ୟାନ ଦେବାକୁ ଦାବି ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ସାଂସଦଙ୍କ ପ୍ରତିନିଧି ରାଜୀବ କୁମାର ମିଶ୍ର, ଦିଗପହଣ୍ଡି ବିଧାୟକଙ୍କ ପ୍ରତିନିଧି ବାପି ପ୍ରଧାନ, ବ୍ରହ୍ମପୁର ବିଧାୟକଙ୍କ ପ୍ରତିନିଧି ପ୍ରଦୀପ ନାୟକ, ପରିଚାଳନା ପରିଷଦ ସଦସ୍ୟ ରବିନ୍ଦ୍ର ସାହୁ, ମମତା ବିଷୋୟୀ ପ୍ରମୁଖଙ୍କ ସମେତ ସିଟି ହସ୍ପିଟାଲ ପରିଚାଳନା ସହିତ ସଂଶ୍ଳିଷ୍ଟ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

- ବିଭିନ୍ନ ବିଭାଗରେ ସ୍ପେଶାଲ ୟୁନିଟ୍ କାର୍ଯ୍ୟକ୍ଷମ ନେଇ ଆଲୋଚନା
- ଆଉଟସୋର୍ସିଂ ସଂସ୍ଥା ନିଯୁକ୍ତି ନେଇ କ୍ଷୁବ୍ଧ ଜନ ପ୍ରତିନିଧି
- ଅବ୍ୟବସ୍ଥା ସୁଧାରିବାକୁ ନିର୍ଦ୍ଦେଶ ଦେଲେ ସାଂସଦ ଓ ବିଧାୟକ



## ସମୁଦ୍ରକୂଳରେ ଯୁବକକୁ ଆକ୍ରମଣ; ୪ ଗିରଫ

**ବ୍ରହ୍ମପୁର,୧୩।୧(ସମିସ):** ସୁନାପୁର ବେଳାଭୂମିକୁ ପିକନିକ କରିବାକୁ ଆସିଥିବା ଜଣେ ଯୁବକକୁ ଆକ୍ରମଣ କରିବା ଓ ଯୁବତୀଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ସାମୁଦ୍ରିକ ଥାନା ପୁଲିସ ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ୪ଜଣ ହେଲେ ଦିଗପହଣ୍ଡି ଥାନା ଅଞ୍ଚଳର ନୟନ କୁମାର ପାତ୍ର(୩୨), ଲିମକନ ପାତ୍ର(୨୮) ବୁଗୁଡ଼ା ବାଲିପଦର କଳମ୍ବ ଗ୍ରାମର ତଥା ଚିକିଟିରେ ରହୁଥିବା ଜଗନ୍ନାଥ ସାହୁ(୨୫) ଓ ନରେଶ କୁମାର ପାତ୍ର(୨୦) ବୋଲି ଥାନା ଅଧିକାରୀ ପଦ୍ମ ଚରଣ ଭଞ୍ଜ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ରବିବାର ଛୁଟିଦିନ ରହିଥିବାରୁ ସୁନାପୁର ବେଳାଭୂମିକୁ ପିକନିକ କରିବାକୁ ଆଖପାଖ ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଅଞ୍ଚଳର ବହୁ ପର୍ଯ୍ୟଟକ ପରିବାର ଓ ସାଙ୍ଗ ସାଥିଙ୍କ ସହ ବଣଭୋଜି କରିବା ପାଇଁ ଆସିଥିଲେ। ଅପରାହ୍ନ ସମୟରେ ଚିକିଟି ଅଞ୍ଚଳର ଜି ଶୁଭମ ଓ ତାଙ୍କ ପରିବାର ଲୋକେ ବଣଭୋଜିରେ ମଜା ନେଉଥିବା ବେଳେ ଉପରୋକ୍ତ ଅଭିଯୁକ୍ତମାନେ ଶୁଭମଙ୍କ ଭଉଣୀଙ୍କ ଉପରକୁ ବାଲି ଫପାଡ଼ିବା ସହ ଦୁର୍ବ୍ୟବହାର କରିଥିଲେ। ଏହାକୁ ଶୁଭମ ପ୍ରତିବାଦ କରିବାରୁ ଉପରୋକ୍ତ ଅଭିଯୁକ୍ତମାନେ ତାଙ୍କୁ ମାଡ଼ ମାରିଥିଲେ। ଫଳରେ ଶୁଭମଙ୍କ ଶରୀର ରକ୍ତସ୍ରାବ ହୋଇଥିଲା। ଘଟଣାକୁ ନେଇ ଶୁଭମ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ପ୍ରଥମେ ଜଗନ୍ନାଥ ଓ ନରେଶକୁ ଘଟଣା ସ୍ଥଳରୁ କାବୁ କରିଥିବା ବେଳେ ନୟନ ଓ ଲିଂକନକୁ ସୋମବାର କାବୁ କରି ସନ୍ଧ୍ୟାରେ ଉପରୋକ୍ତ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

## ଇନଷ୍ଟାଗ୍ରାମ୍ ଲାଇଭ୍‌କୁ ନେଇ ଆକ୍ରମଣ

**ବ୍ରହ୍ମପୁର,୧୩।୧(ସମିସ):** ଇନଷ୍ଟାଗ୍ରାମରେ ଲାଇଭ କରିବାକୁ ନେଇ ଜଣେ ଦୋକାନ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଏନେଇ ବଡବଜାର ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନାପ୍ରକାରେ, ଗୁଣ୍ଡବନ୍ଧର ଯୁବକ ନନ୍ଦନ ସାହୁ ରାଜା ସାହି ପରିବା ମାର୍କେଟ ନିକଟରେ ଥିବା ଏକ ରେସନ ଦୋକାନରେ କାମ କରନ୍ତି। କିଛି ଦିନ ପୂର୍ବେ ସେ ଇନଷ୍ଟାଗ୍ରାମରେ ଏକ ବିଷୟକୁ ନେଇ ଲାଇଭ କରିଥିଲେ। ତାହାକୁ କେନ୍ଦ୍ର କରି କିଛି ଯୁବକ ଦୋକାନ ନିକଟରେ ପହଞ୍ଚି ନନ୍ଦନଙ୍କ ସହ ଯୁକ୍ତିତର୍କ କରିଥିଲେ। ପରେ ସେହି ଯୁବକମାନେ ତାଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଖଣ୍ଡା ଚୋଟରେ ନନ୍ଦନଙ୍କ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ଏହାପରେ ଯୁବକମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଆହତ ନନ୍ଦନ ରକ୍ତ ଜୁଡୁବୁଡୁ ଅବସ୍ଥାରେ ବଡବଜାର ଥାନାକୁ ଯାଇଥିବା ବେଳେ ପୁଲିସ ଆମ୍ବୁଲାନ୍ସ ଡକାଇ ଚିକିତ୍ସା ପାଇଁ ଡାକ୍ତରଖାନା ପଠାଇଥିଲା। ପୁଲିସ ଆକ୍ରମଣକାରୀ ଅଭିଯୁକ୍ତଙ୍କୁ କାବୁ କରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

# ଏମ୍‌କେସିଜିକୁ ଚାଷୀନେତାଙ୍କ ମରଶରୀର ଦାନ



**ବ୍ରହ୍ମପୁର,୧୩।୧(ସମିସ):** ବିଶିଷ୍ଟ କୃଷକ ତଥା ସିପିଏମର ବରିଷ୍ଠ ନେତା ଜଗନ୍ନାଥ ମିଶ୍ରଙ୍କ ବିୟୋଗ ହୋଇଯାଇଛି। ସେ ସମସ୍ତଙ୍କୁ ଛାଡ଼ି ଚାଲି ଯାଇଛନ୍ତି। କିନ୍ତୁ ସେ ସବୁବେଳେ ମନେ ରହିବେ। କାରଣ ତାଙ୍କ ଅମୂଲ୍ୟ ଶରୀରକୁ ଦାହ ପରିବର୍ତ୍ତେ ଡ଼ାକ୍ତରୀ ଛାତ୍ରଛାତ୍ରୀଙ୍କ ଗବେଷଣା ଲାଗି ଏମକେସିଜି ମେଡ଼ିକାଲ କଲେଜକୁ ଦାନ କରାଯାଇଛି। ମର ଶରୀରକୁ ସିପିଏମ ଜିଲ୍ଲା କାର୍ଯ୍ୟାଳୟକୁ ନିଆଯାଇଥିଲା। ସେଠାରେ ଶୋକାକୁଳ ପରିବେଶ ମଧ୍ୟରେ ଶହ ଶହ ସିପିଏମ କର୍ମୀ, ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ, ବିଭିନ୍ନ ସଂଗଠନର କର୍ମକର୍ତ୍ତା ଓ ବିଶିଷ୍ଟ ବ୍ୟକ୍ତି ବିଶେଷ ପହଞ୍ଚି ପ୍ରିୟ ନେତା ନେତା ସ୍ୱର୍ଗତଃ ମିଶ୍ରଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସିପିଏମ କେନ୍ଦ୍ର କମିଟି ସଭ୍ୟ ଅଳି କିଶୋର ପଟ୍ଟନାୟକ ଜଗନ୍ନାଥ ମିଶ୍ରଙ୍କ ମରଶରୀର ଉପରେ ପାର୍ଟିର ଲାଲ ପତାକା ପକାଇଥିଲେ।

ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ, ବରିଷ୍ଠ ନେତା ଜନାର୍ଦ୍ଦନ ପତି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବ୍ରହ୍ମପୁର ମେୟର ସଂଘମିତ୍ରା ଦଳାଇ, ଭୀମସେନ ଦଳାଇ, ବିଜେଡି ନେତା ସୁବାଷ ମହାରଣା, କର୍ପୋରେଟର ସଞ୍ଜିତ ପାଣିଗ୍ରାହୀ, ସୁରେନ୍ଦ୍ର ମହାରଣା, ମଳୟ ବିଶୋଇ, ସିପିଆଇ ନେତା ପ୍ରବୀଣ ଦାସ, ସିପିଆଇଏମଲ ନିୟୁ ଡେମୋକ୍ରେସି ନେତା ଭାଲ ଚନ୍ଦ୍ର ଷଡ଼ଙ୍ଗୀ, ଏସୟୁସିଆଇ ନେତା ବିଷ୍ଣୁ ଦାସ, ସିପିଏମଏଲର ଶଙ୍କର ସାହୁ, ଆପ ନେତା ଆଦିତ୍ୟ ରଥ, ଫରୱାର୍ଡ ବ୍ଲକର ସନ୍ତୋଷ ସାହୁ, ପରିବେଶବିତ୍ତ ପ୍ରଫୁଲ ସାମନ୍ତରାୟ, ବାମପନ୍ଥୀ ନେତା ସନ୍ତୋଷ ମହାପାତ୍ର, ଦଣ୍ଡପାଣି ମହାନ୍ତି, ବିଶିଷ୍ଟ ଆଇନଜୀବୀ ବସନ୍ତ ପଣ୍ଡା, ସିପିଏମ ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ବେହେରା, କୈଳାଶ ଷଡଙ୍ଗୀ, ହରୀକୃଷ୍ଣ ରେଡି, ବିଦ୍ୟାଧର ଜେନା, ରାମଚନ୍ଦ୍ର ନାୟକ, ଦିଲିପ ଛୋଟରାୟ, ପ୍ରତାପ ଚୌଧୁରୀ ଓ ଶିବପ୍ରସାଦ ମହାପାତ୍ରଙ୍କ ସମେତ ସିପିଏମର ରାଜ୍ୟ ନେତୃବୃନ୍ଦ, ଶ୍ରମିକ, କୃଷକ, ମହିଳା, ଛାତ୍ର, ଯୁବ ସଂଗଠନର ରାଜ୍ୟ କର୍ମକର୍ତ୍ତା, ପୁରୀ, ନୟାଗଡ଼ ଓ ଗଜପତି ଜିଲ୍ଲାର ସିପିଏମ ଜିଲ୍ଲା ନେତାଙ୍କ ସମେତ ଜିଲ୍ଲାର ଓକିଲ, ସାମ୍ବାଦିକ, ସାଂସ୍କୃତିକ ଓ ସାମାଜିକ ସଂଗଠନ ପକ୍ଷରୁ ବହୁ ବ୍ୟକ୍ତି ପ୍ରାୟତଃ ନେତାଙ୍କୁ ଶେଷ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ପରିବାର ବର୍ଗ ମଧ୍ୟ ଉପସ୍ଥିତ ଥିଲେ। ସେଠାରୁ ଶହ ଶହ କର୍ମୀଙ୍କ ଗହଣରେ ମରଶରୀରକୁ ଏମକେସିଜି ମେଡ଼ିକାଲ କଲେଜକୁ ନିଆଯାଇଥିଲା। ମେଡ଼ିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର ସୁଚିତ୍ରା ଦାସ, ଅନାଟୋମି ବିଭାଗର ମୁଖ୍ୟ ପ୍ରଫେସର ସାଗର ପୃଷ୍ଟି ମରଶରୀରକୁ ଗ୍ରହଣ କରିଥିଲେ। ଗତକାଲି ତାଙ୍କର ଦୁଇଟି ଚକ୍ଷୁ ମଧ୍ୟ ଦାନ କରାଯାଇଥିଲା। ତାଙ୍କର ମୃତ୍ୟୁ ରାଜ୍ୟର ଚାଷୀ ଆନ୍ଦୋଳନ ପାଇଁ ଏକ ଅପୁରଣୀୟ କ୍ଷତି ବୋଲି ମତ ପ୍ରକାଶ କରିଥିଲେ।

# ଶିଶୁ ସାହିତ୍ୟ ବିକାଶ ପରିଷଦର ମାସିକ ଆସର



**ବ୍ରହ୍ମପୁର,୧୩।୧(ସମିସ):** ଶିଶୁ ସାହିତ୍ୟ ବିକାଶ ପରିଷଦର ସାହିତ୍ୟ ଆସର ଉତ୍କଳ ଆଶ୍ରମ ପାଠାଗାର କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ହାଡ଼ିବନ୍ଧୁ ମାଲିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଆସରରେ କାର୍ଯ୍ୟକାରୀ ସଭାପତି ବିଜୟ ଚନ୍ଦ୍ର ନନ୍ଦ ଏବଂ କବୟିତ୍ରୀ ଜ୍ୟୋସ୍ନାମୟୀ ପ୍ରଧାନ ପ୍ରମୁଖ ମଞ୍ଚାସିନ ହୋଇ ସାହିତ୍ୟ ଆସର ଓ କବିତା ପାଠୋତ୍ସବକୁ ଉଦଘାଟନ କରିଥିଲେ।

ପ୍ରାରମ୍ଭରେ ପଣ୍ଡିତ ଚନ୍ଦ୍ର ଶେଖର ମହାପାତ୍ର ଜଗନ୍ନାଥ ଶ୍ଳୋକ ଆବୃତ୍ତି କରିଥିଲେ। ଜ୍ୟୋସ୍ନାମୟୀ ପ୍ରଧାନ ଭଜନ ପରିବେଷଣ କରିଥିଲେ। ବରିଷ୍ଠ କବୟିତ୍ରୀ ଅମିୟ ବାଳା ପଟ୍ଟନାୟକଙ୍କ ଦେହାନ୍ତରେ ଆତ୍ମାର ସଦଗତି କାମନା କରାଯାଇ ନିରବ ପ୍ରାର୍ଥନା କରାଯାଇଥିଲା। ଆସରରେ ଉପଦେଷ୍ଟା ଡ଼ ବିଜୟ ମହାରଣା, କୋଷାଧ୍ୟକ୍ଷ ନିତ୍ୟାନନ୍ଦ ପାଢୀ, ହୃଷିକେଶ ଦାଶ, ବଂଶୀଧର ସେଠୀ, ଡ଼ ସରୋଜ କାନ୍ତ ରଥ, ହୃଷିକେଶ ଦାଶ, ଶଙ୍କର୍ଷଣ ତ୍ରିପାଠୀ, ଚନ୍ଦ୍ରଶେଖର ମହାପାତ୍ର, ସୁବାସ ନାୟକ, ଇଂ ଆଶୁତୋଷ ପାତ୍ର, ଇଂ. ସୁରେଶ ଚନ୍ଦ୍ର ପ୍ରଧାନ, ମୋହନ ସ୍ୱାଇଁ, ଗିରିଜ ଶଙ୍କର ଦାଶ ପ୍ରମୁଖ କବିତା ପାଠ କରିଥିଲେ।

# ବହୁମୂତ୍ର ରୋଗ ସଚେତନତା ଓ ସ୍ୱାସ୍ଥ୍ୟ ଶିବିର

**ବ୍ରହ୍ମପୁର,୧୩।୧(ସମିସ):** ହରିହର ନଗର ଦ୍ୱିତୀୟ ସାରଣୀ ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନଠାରେ ବହୁମୂତ୍ର ରୋଗ ସଚେତନ ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଭରଦ୍ୱାଜ ପ୍ରତିଷ୍ଠାନର ଅଧ୍ୟକ୍ଷ ଡା.ନକୁଳ ସାହୁ ଉପସ୍ଥିତ ରହି କହିଛନ୍ତି ଯେ, ଆଳସ୍ୟ, ଆମିଷ, କ୍ଷୀର ଜାତୀୟ, ମିଠା, ଅଧିକ ପରିଶ୍ରମ, ଚିନ୍ତା, ଦୁର୍ବଳତା ଯୋଗୁଁ ବୃକକ୍, ଯକୃତ, ପିଟୁଇଟାରି ଗ୍ରନ୍ଥି ଦୁର୍ବଳ ହୋଇ ଆଲବୁମିନ୍, ବସା, ଏମିନୋଏସିଡି ଆଦି ଆସି ବାରମ୍ବାର ପରିସ୍ରା ହୁଏ। ସବୁ ଋତୁରେ ହେଲେ ମଧ୍ୟ, ଶୀତ ଋତୁରେ ଅଧିକ ଦେଖାଯାଏ। ଜାମୁକୋଳି ମଞ୍ଜି ରସ, କାକ ଦୁମ୍ବର, ଅଁଳା ସମାନ ଭାଗ ନେଇ ଚୂର୍ଣ୍ଣ କରି ସକାଳ ସନ୍ଧ୍ୟା ଦୀର୍ଘ ଦିନ ଖାଇଲେ ଭଲ ହୋଇଯାଏ। ପୁଷ୍ଟିକର ଖାଦ୍ୟ ଖାଇବେ ବୋଲି କହିଥିଲେ। ଏ ଅବସରରେ ରୋଗୀଙ୍କ ନାଡୀ, ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ସ୍ନାୟୁରୋଗ, ଅମ୍ଳପିତ୍ତ, ସ୍ତ୍ରୀରୋଗ ଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରାଯାଇଥିଲା। ଶିବିରର ପରିଚାଳନାରେ ସହଯୋଗ କରିଥିଲେ ଡି.ଶ୍ରୀନିବାସ ରାଓ।

# ଗଞ୍ଜେଇ ଚାଲାଣ ପାଇଁ ଆଇନଜୀବୀଙ୍କ ଲୋଗୋ!

**ବ୍ରହ୍ମପୁର,୧୩।୧(ସମିସ)**

- ୪୪କିଲୋ ଗଞ୍ଜେଇ ଜବତ; ୩ କୋର୍ଟଚାଲାଣ, ଜଣେ ଫେରାର
- ଆଇନଜୀବୀଙ୍କ ସମ୍ପୃକ୍ତି ଅଛି କି ନାହିଁ ସେନେଇ ତଦନ୍ତ କରୁଛି ପୁଲିସ



ଗଞ୍ଜେଇ କାରବାର ପାଇଁ ମାଫିଆ ଆପଣାଉଛନ୍ତି ନୁଆ ନୁଆ ତରିକା। କେତେବେଳେ ମହିଳା ତ ଆଉ କେତେବେଳେ ନାବାଳକଙ୍କୁ ଏହି କାରବାରରେ ସାମିଲ କରୁଛନ୍ତି ମାଫିଆ। ଚୋରା କାରବାରରେ ବ୍ୟବହୃତ ହେଉଥିବା ଯାନବାହାନରେ ପୁଲିସ ବିଭାଗ ଓ ଆଇନଜୀବୀଙ୍କ ଲୋଗୋକୁ ବ୍ୟବହାର କରି ଖସିବାକୁ ଉଦ୍ୟମ କରୁଛନ୍ତି ମାଫିଆ ଓ ସେମାନଙ୍କ ଦ୍ୱରା ନିୟୋଜିତ ଚାଲାଣକାରୀ। ଏଭଳି ଏକ ଘଟଣା ପଦାକୁ ଆସିଛି ବ୍ରହ୍ମପୁରରେ। ସ୍ଥାନୀୟ ଆମ୍ବପୁଆ ସ୍ଥିତ ଆୟକର ବିଭାଗ କାର୍ଯ୍ୟାଳୟ ଛକ ନିକଟରେ ଗଞ୍ଜେଇ ଚୋରା ଚାଲାଣ ବେଳେ ମାଡି ବସିଲା ପୁଲିସ ଟିମ। ଉକ୍ତ କାରରୁ ୪୪.୪କିଲୋ ଗଞ୍ଜେଇ ଜବତ କରି ଏଥିରେ ସମ୍ପୃକ୍ତ ଥିବା ୩ଜଣ ଚାଲାଣକାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ଗୋପାଳପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ କୋଦଳା ପୁସ୍ତପୁର ଗ୍ରାମର ଅନ୍ତର୍ଯ୍ୟାମୀ ଦାସ (୩୨), ମର୍ଦ୍ଦମେଖା ଗ୍ରାମର କେଦାର ଦାସ(୨୬) ଓ ବେଗୁନିଆପଡା ଗ୍ରାମର ଆକାଶ ପ୍ରଧାନ(୧୮)। ଏହି ମାମଲାର ଅନ୍ୟତମ ଅଭିଯୁକ୍ତ ବେଗୁନିଆପଡ଼ା ଥାନା ଅନ୍ତର୍ଗତ ଅଙ୍ଗାର ଗାଁର ସମୀର ଓରଫ ମିଥୁନ ରାଉତ ଘଟଣା ସ୍ଥଳରୁ ଚମ୍ପଟ ମାରିବାରେ ସକ୍ଷମ ହୋଇଛି। ଫେରାର ମିଥୁନକୁ ଖୁବଶୀଘ୍ର ଗିରଫ କରାଯିବା ବୋଲି ଦୃଢୋକ୍ତି ପ୍ରକାଶ କରିଛି ପୁଲିସ। ସୂଚନାଯୋଗ୍ୟ ଯେ, ୧୨ତାରିଖ ରାତିରେ ଗୋପାଳପୁର ଥାନା ଅଧିକାରୀ ପ୍ରଶାନ୍ତ କୁମାର ମଲ୍ଲିକ ଓ ଥାନାର ଅନ୍ୟ କର୍ମଚାରୀମାନେ ରାତିକାଳୀନ ପାଟ୍ରୋଲିଂ କରୁଥିଲେ। ପେଟ୍ରୋଲିଂ ସମୟରେ ଆମ୍ବପୁଆ ସ୍ଥିତ ଆୟକର କାର୍ଯ୍ୟାଳୟ ନିକଟରେ ଏକ ଧଳା ରଙ୍ଗର ମାରୁତି ସୁଜୁକି କାର ଦ୍ରୁତଗତିରେ ଆସୁଥିବା ପେଟ୍ରୋଲିଂ ଟିମ ଦେଖିଥିଲେ। ଆୟକର ବିଭାଗ ଛକରେ ଉକ୍ତ ଗାଡିକୁ ପୁଲିସ ଅଟକାଇ କାରର ଡ୍ରାଇଭର ସମେତ ୩ଜଣଙ୍କୁ କାବୁ କରିଥିଲା। ଜେରା ସମୟରେ ଅଭିଯୁକ୍ତମାନେ ନିଜର ନାମ ଏବଂ ଠିକଣା ପ୍ରକାଶ କରିବା ସହ ଭୟଭୀତ ହୋଇପଡିଥିଲେ। ପରେ ଥାନା ଅଧିକାରୀ ଓ ଟିମ କାର ଭିତରେ ଯାଞ୍ଚ କରି କାରର ପଛ ସିଟ ଭିତରେ ୨ଟି ଜରି ବ୍ୟାଗକୁ ଜବତ କରିଥିଲେ। ଜବତ ଜରି ବ୍ୟାଗରୁ ୪୪.୪କିଲୋ ଗଞ୍ଜେଇ ଜବତ ହୋଇଥିଲା।

ଜେରା ସମୟରେ ଉକ୍ତ ଗଞ୍ଜେଇକୁ ଅଭିଯୁକ୍ତମାନେ ଅଙ୍ଗର ଗାଁର ସମୀର ଓରଫ ମିଥୁନ ରାଉତଙ୍କ ଠାରୁ ଆଣି ଉକ୍ତ ଗାଡିକୁ ଅଙ୍ଗରା ଗାଁରୁ ବ୍ରହ୍ମପୁର ରେଳ ଷ୍ଟେସନକୁ ଉକ୍ତ ଗାଡିରେ ପରିବହନ କରୁଥିବା ସ୍ୱିକାର କରିଥିଲେ। ପରେ ତାହାକୁ ବିଶାଖାପାଟଣାକୁ ଚାଲାଣ କରିଥାନ୍ତେ ବୋଲି ପୁଲିସ ତଦନ୍ତ ବେଳେ ଜଣାପଡିଥିଲା। ଘଟଣାସ୍ଥଳରୁ ଫେରାର ସମୀରକୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ଏହି ଚଢଉରେ ଗୋପାଳପୁର ଥାନା ଅଧିକାରୀ ପ୍ରଶାନ୍ତ ମଲ୍ଲିକ, ଏଏସଆଇ ବିଷ୍ଣୁ ପ୍ରସାଦ ଗୌଡ଼ ଓ ବିରଞ୍ଚି ନାରାୟଣ ଚୌଧୁରୀଙ୍କ ସମେତ କନିଷ୍ଠ ଅତିରିକ୍ତ ତହସିଲଦାର ଓ ଥାନାର ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ।

## ଉପାନ୍ତରେ ହାଡ଼ଭଙ୍ଗା ଶୀତ

**ପାତ୍ରପୁର,୧୩।୧(ସମିସ):** ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ ଅଞ୍ଚଳରେ ପ୍ରବଳ ଶୀତ ଲହରୀ ସାଙ୍ଗକୁ ଘନକୁହୁଡି ଜାରି ରଖିଛି। ସନ୍ଧ୍ୟାରେ ପାରଦ ଖସୁଥିବା ବେଳେ ପ୍ରବଳ ଶୀତ ଅନୁଭୂତ ହେଉଛି। ସକାଳୁ ଘନ କୁହୁଡି ଯୋଗୁଁ ଯାନବାହାନ ଚଳାଚଳ ମଧ୍ୟ ବାଧାପ୍ରାପ୍ତ ହୋଇଛି। ସନ୍ଧ୍ୟାରେ ନିଆଁ ଜାଳି ଲୋକେ ବସୁଥିବା ଦେଖିବାକୁ ମିଳିଛି। ଶୀତ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇଥିବା ଦେଖିବାକୁ ମିଳିଛି।

## ୨ ୱାରେଣ୍ଟି ଗିରଫ

ସାନଖେମୁଣ୍ଡି,୧୩।୧(ସମିସ): ପାଟପୁର ପୁଲିସ ୱାରେଣ୍ଟ ବଳରେ ୨ ଜଣ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ କଂସାମାରି କୈବର୍ତ୍ତ ନଗର ସାହିର ମାମି ପାଣିଗ୍ରାହି ଓ କଙ୍କୋରଡ଼ା ଗ୍ରାମର ରବୀନ୍ଦ୍ର ପାଣିଗ୍ରାହି। ସୂଚନା ମୁତାବକ ଉପରୋକ୍ତ ଲୋକମାନେ ନିୟମିତ କୋର୍ଟରେ ହାଜର ନହେବାରୁ ୱାରେଣ୍ଟ ବାହାରିଥିଲା। ଏନେଇ ପାଟପୁର ପୁଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ ଥାନା ଅଧିକାରୀ ଦୀପ୍ତି ରଞ୍ଜନ ବେହେରା କହିଛନ୍ତି।

ଚାଷୀ ଭାଇ-ଭଉଣୀମାନଙ୍କ ପାଇଁ ସୂଚନା

ବିଶ୍ୱ ପ୍ରସିଦ୍ଧ ବରଗଡ ଧନୁଯାତ୍ରା ଅବସରରେ ସମସ୍ତ ଚାଷୀ ଭାଇ-ଭଉଣୀମାନଙ୍କୁ ଅନୁରୋଧ କରାଯାଉଅଛି ଯେ ସେମାନଙ୍କର କଷ୍ଟୋପାର୍ଜିତ FAQ ମାନର ଧାନକୁ ନିୟନ୍ତ୍ରିତ ବଜାର କମିଟି ଅତାବିରା ଅଧିନସ୍ଥ ଓ ପରିଚାଳିତ ସ୍ଥାୟୀ ବଜାର ପ୍ରାଙ୍ଗଣ ଓ ଧାନକ୍ରୟ କେନ୍ଦ୍ର ମାଧ୍ୟମରେ ବିକ୍ରୟ କରି ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ଦର (MSP) କ୍ୱିଣ୍ଟାଲ ପ୍ରତି ଟ. ୨୩୦୦/-ଙ୍କା ସହ ଇନ୍‌ପୁଟ୍ ସବସିଡି ବାବଦକୁ ଟ. ୮୦୦/- ମୋଟ ଟ.୩୧୦୦/-ଙ୍କା ପାଇ ଲାଭବାନ୍ ହୁଅନ୍ତୁ।

ବଜାର ପ୍ରାଙ୍ଗଣ ଓ ଧାନକ୍ରୟ କେନ୍ଦ୍ରରେ ଉପଲବ୍ଧ ଆନୁଷଙ୍ଗିକ ସୁବିଧାର ସଦ୍ ବିନିଯୋଗ କରିବା ପାଇଁ ଅନୁରୋଧ।

ଶଶାଙ୍କ ଶେଖର ସାହାଣୀ
ସଂପାଦକ,
ନିୟନ୍ତ୍ରିତ ବଜାର କମିଟି,
ଅତାବିରା

ପ୍ରସନ୍ନ ପାଣ୍ଡେ
ଅଧ୍ୟକ୍ଷ,
ନିୟନ୍ତ୍ରିତ ବଜାର କମିଟି, ଅତାବିରା

ସୌଜନ୍ୟ: ନିୟନ୍ତ୍ରିତ ବଜାର କମିଟି, ବରଗଡ

ଚାଷୀ ଭାଇ-ଭଉଣୀମାନଙ୍କ ପାଇଁ ସୂଚନା

ବିଶ୍ୱ ପ୍ରସିଦ୍ଧ ବରଗଡ ଧନୁଯାତ୍ରା ଅବସରରେ ସମସ୍ତ ଚାଷୀ ଭାଇ-ଭଉଣୀମାନଙ୍କୁ ଅନୁରୋଧ କରାଯାଉଅଛି ଯେ ସେମାନଙ୍କର କଷ୍ଟୋପାର୍ଜିତ FAQ ମାନର ଧାନକୁ ନିୟନ୍ତ୍ରିତ ବଜାର କମିଟି ବରଗଡ ଅଧିନସ୍ଥ ଓ ପରିଚାଳିତ ସ୍ଥାୟୀ ବଜାର ପ୍ରାଙ୍ଗଣ ଓ ଧାନକ୍ରୟ କେନ୍ଦ୍ର ମାଧ୍ୟମରେ ବିକ୍ରୟ କରି ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ଦର (MSP) କ୍ୱିଣ୍ଟାଲ ପ୍ରତି ଟ. ୨୩୦୦/-ଙ୍କା ସହ ଇନ୍‌ପୁଟ୍ ସବସିଡି ବାବଦକୁ ଟ. ୮୦୦/- ମୋଟ ଟ.୩୧୦୦/-ଙ୍କା ପାଇ ଲାଭବାନ୍ ହୁଅନ୍ତୁ। ବଜାର ପ୍ରାଙ୍ଗଣ ଓ ଧାନକ୍ରୟ କେନ୍ଦ୍ରରେ ଉପଲବ୍ଧ ଆନୁଷଙ୍ଗିକ ସୁବିଧାର ସଦ୍ ବିନିଯୋଗ କରିବା ପାଇଁ ଅନୁରୋଧ।

ଗୋବିନ୍ଦ ନାଗ
ସଂପାଦକ,
ନିୟନ୍ତ୍ରିତ ବଜାର କମିଟି,
ବରଗଡ

ସୌଜନ୍ୟ: ନିୟନ୍ତ୍ରିତ ବଜାର କମିଟି, ବରଗଡ
ମଧୁଛନ୍ଦା ସାହୁ, ଓ.ପ୍ର.ସେ
ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, ବରଗଡ

# ସାହିତ୍ୟିକଙ୍କୁ 'ପ୍ରେରଣା ସାରସ୍ୱତ ସମ୍ମାନ'




ରମ୍ଭା, ୧୩।୧(ସମସ): ଗଞ୍ଜାମର କବିତାଘର ଲିଟେରାରୀ ଟ୍ରଷ୍ଟ, ସମ୍ପାଦକ, ଶିକ୍ଷା ପ୍ରଶାସକ ତଥା ସୁସାହିତ୍ୟିକ ଭାଗୀରଥି ବେହେରା ଦାସିଆ ସାଂସ୍କୃତିକ ପରିଷଦ ଉମରକୋଟ, ରୌପ୍ୟ ଜୟନ୍ତୀ ଉତ୍ସବରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଦ୍ୱାରା 'ପ୍ରେରଣା ସାରସ୍ୱତ ସମ୍ମାନ'ରେ ସମ୍ମାନୀତ ହୋଇଛନ୍ତି। ୮ ଖଣ୍ଡ ଗଳ୍ପ ପୁସ୍ତକ, ୪ଖଣ୍ଡ କବିତା ସଂକଳନ ଓ ୪ଖଣ୍ଡ ଉପନ୍ୟାସର ରଚୟିତା ଅଧୁନା ବାରଣାସୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରୂପେ କାର୍ଯ୍ୟ କରିବା ସହ ବିଦ୍ୟାଳୟ ପତ୍ରିକା 'ପଙ୍କଜ' ପ୍ରକାଶନ, ପୁରାତନ ଛାତ୍ର ସଂସଦ ଗଠନ କରି ୭୦ତମ ବାର୍ଷିକ ଉତ୍ସବ ପାଳନ, ନିୟମିତ ପ୍ରାଚୀର ପତ୍ରିକା 'ବଂଶଧାରା' ପ୍ରକାଶନ, କାଶୀନଗର ସାହିତ୍ୟ ଉତ୍ସବ, ସ୍କୁଲ କ୍ୟାବିନେଟ୍ ପ୍ରସ୍ତୁତି ଓ ଶପଥ ପାଠ, ଖେଳ ଉତ୍ସବ ଆଦି ସବୁ ଆୟୋଜନ କରି ଉପାନ୍ତ ଅଞ୍ଚଳରେ ପ୍ରିୟପାତ୍ର ହୋଇଥିବା ବେଳେ ସ୍କୁଲ ପିଲାଙ୍କ ମଧ୍ୟରେ ଭାଷା ସାହିତ୍ୟର ପ୍ରଚାର ପ୍ରସାର ଦିଗରେ ମଧ୍ୟ ଭାରତ ସରକାରଙ୍କ ତରଫରୁ ଜାତୀୟ ସ୍ତରରେ ସମ୍ମାନିତ। ଓଡ଼ିଆ ଭାଷା, ସାହିତ୍ୟର ପ୍ରଚାର ପ୍ରସାର ଓ ଶିକ୍ଷାରେ ସାହିତ୍ୟ ଶିକ୍ଷାଦାନ ନିମନ୍ତେ ଏହି ସମ୍ମାନ ତାଙ୍କୁ ମିଳିଲା। 'ପ୍ରେରଣା' ପତ୍ରିକାର ସମ୍ପାଦକ ଟୁଟୁ ବାବୁ ପଟ୍ଟନାୟକ ଏବଂ 'ଚନ୍ଦନଧାରା' ପତ୍ରିକାର ସମ୍ପାଦକ ହିମାଂଶୁ ଆଚାରୀ ଉମରକୋଟରୁ ଶୁଭେଚ୍ଛା ଜଣେଇବା ସହ ସାହିତ୍ୟିକ ସଭ୍ୟ ସଭ୍ୟା ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

# ଶୌଚାଳୟରେ ତାଲା; ରକ୍ଷଣାବେକ୍ଷଣରେ ଟଙ୍କା ଖର୍ଚ୍ଚ

ବ୍ରହ୍ମପୁର, ୧୩।୧(ସମିସ):

ବ୍ରହ୍ମପୁର ମହାନଗର ନିଗମ(ବିଇଏମସି) ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଲୋକଙ୍କ ସୁବିଧା ନିମନ୍ତେ ସୁଲଭ ଶୌଚାଳୟ ରହିଛି। ଏଥିରୁ କିଛିଟା ଶୌଚାଳୟ କାର୍ଯ୍ୟକ୍ଷମ ହେଉଥିବା ବେଳେ ଆଉ କିଛି ଲୋକଙ୍କ ବ୍ୟବହାରରେ ଆସୁନି। ସହରର ମୋଟ ୬୨ଟି ସୁଲଭ ଶୌଚାଳୟ ରହିଛି। ସେଥିମଧ୍ୟରୁ ଏସଏଚଜି ମହିଳା ଗୋଷ୍ଠୀଙ୍କୁ ୪୧ଟି ଶୌଚାଳୟର ରକ୍ଷଣାବେକ୍ଷଣ ଓ ପରିଷ୍କାର ପରିଚ୍ଛନ୍ନତା ଦାୟିତ୍ୱ ପ୍ରଦାନ କରାଯାଇଛି। ଅନ୍ୟ ୨୧ଟି ଶୌଚାଳନୟର ଦାୟିତ୍ୱ ଏକ ଘରୋଇ ସଂସ୍ଥାକୁ ପ୍ରଦାନ କରାଯାଇଛି। ଏଥି ନିମନ୍ତେ ପ୍ରତ୍ୟେକ ମାସରେ ବିଇଏମସି ପକ୍ଷରୁ ଲକ୍ଷାଧିକ ଟଙ୍କା ପ୍ରଦାନ କରାଯାଉଛି। ଶୌଚାଳୟର ଗୁଡ଼ିକ ସକାଳ ୫ଟା ଠାରୁ ରାତ୍ରି ୧୦ଟା ସମୟ ପର୍ଯ୍ୟନ୍ତ ଖୋଲା ନିୟମ ରହିଥିବା ବେଳେ ବହୁ ସୁଲଭ ଶୌଚାଳୟର ଏହି ସମୟରେ




ଖୋଲୁ ନଥିବା ଅଭିଯୋଗ ହୋଇଛି। ରାମଲିଙ୍ଗମ ଟ୍ୟାଙ୍କ, ବୁଡ଼ି ଠାରୁରାଣୀ ମନ୍ଦର ନିକଟ ଓ କର୍ପୋରେସନ ରୋଡ଼ ସମେତ ଅନ୍ୟ କିଛି ଶୌଚାଳୟ ସଠିକ ସମୟରେ ଖୋଲୁନି। ଫଳରେ ସ୍ଥାନୀୟ ବାସିନ୍ଦାଙ୍କ ସମେତ ଉକ୍ତ ବହୁ ବାଟୋଇ ଆବଶ୍ୟକ ସ୍ଥଳେ ଶୌଚାଳୟର ବିବହାର କରିପାରୁ ନାହାନ୍ତି। ପୂର୍ବରୁ ଗାଧୋଇବା ଲାଗି ୧୦ଟଙ୍କା ଓ ଶୌଚ ଲାଗି ୫ ଟଙ୍କା ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ବର୍ତ୍ତମାନ ଏଥି ନିମନ୍ତେ କୌଣସି ଦେୟ ଦେବାକୁ ପଡୁନାହିଁ। କିନ୍ତୁ ସହରର ବହୁ ଶୌଚାଳୟ କାନ୍ଥରେ ଚିଠି ନ ଥିବା ଦେଖିବାକୁ ମିଳିଛି। ଯାହାଦ୍ୱାରା ବହୁ ଜନସାଧାରଣ ଏବେ ବି ଶୌଚାଳୟ ବ୍ୟବହାର କରିବା ନିମନ୍ତେ ଦେୟ ଦେଉଥିବା ଦେଖିବାକୁ ମିଳିଛି। ସେହିପରି ଶୌଚାଳୟରେ ରହିଥିବା ହାତ ଶୁଖାଇବା ମେଶିନ କାର୍ଯ୍ୟ କରୁନି। ତତ୍‌ସହିତ ସ୍ୱଚ୍ଛ ସର୍ବେକ୍ଷଣ ବାର୍ତ୍ତା ନେଇ ଶୌଚାଳୟଟି ପରିଷ୍କାର ଅଛି କି ନାହିଁ ସେ ନେଇ ଏକ ମେଶିନ ଖଞ୍ଜାଯାଇଛି। କିନ୍ତୁ ତାହା ମଧ୍ୟ କାର୍ଯ୍ୟ କରୁନି। ବାରମ୍ବାର ଅଭିଯୋଗ ହେଉଥିବା ବେଳେ ପରିଚାଳନା ଦାୟିତ୍ୱରେ ଥିବା ଏସଏଚଜି ମହିଳା ଓ ଘରୋଇ ସଂସ୍ଥା ବିରୋଧରେ ବିଇଏମସି ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣା କରାଯାଉଥିବାରୁ ପରିଚାଳନାରେ ବ୍ୟତିକ୍ରମ ହେଉଛି। ଏହାର ରକ୍ଷଣାବେକ୍ଷଣ ଓ ପରିଷ୍କାର ପରିଚ୍ଛନ୍ନତା ଲାଗି ସାଧାରଣରେ ଦାବି ହୋଇଛି। ଏନେଇ ବିଇଏମସି ଡେପୁଟି କମିଶନର ଆଶୀର୍ବାଦ ପରିଡ଼ାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, କେଉଁ କାରଣକୁ ନେଇ ଶୌଚାଳୟର ଗୁଡ଼ିକ ବନ୍ଦ ରହିଥିଲା, ସେନେଇ ଶୌଚାଳୟର ପରିଚାଳନା କରୁଥିବା ସଂସ୍ଥାକୁ ନୋଟିସ କରାଯିବ ବୋଲି ସେ କହିଛନ୍ତି।

# ମିଟର ଟ୍ୟାମ୍ପରିଂ ଅଭିଯୋଗ; ବିଦ୍ୟୁତ କର୍ମଚାରୀ ଅଟକ

## ୮ କର୍ମଚାରୀଙ୍କୁ ୪ ଘଣ୍ଟା ଅଟକାଇଲେ ଗ୍ରାମବାସୀ



ସାନଖେମୁଣ୍ଡି, ୧୩।୧(ସମିସ): ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ସାହସପୁର ପଞ୍ଚାୟତରେ ବିଦ୍ୟୁତ ବିଭାଗରର ୮ ଜଣିଆ ତଦନ୍ତ କରି ଇଲେକ୍ଟ୍ରି ମିଟର ଟ୍ୟାଂପେରିଙ୍ଗ କରି ଲୁଟୁଥିବା ବେଳେ ଧରିଲେ ଗ୍ରାମବାସୀ। ଟାଟା ପାୱାରର କର୍ମଚାରୀମାନେ ଇଲେକ୍ଟ୍ରି ମିଟରଗୁଡ଼ିକୁ ଟ୍ୟାମ୍ପରିଙ୍ଗ କରି ଅଧିକ ଟଙ୍କାର ବିଲ୍ କରୁଛନ୍ତି। ଫଳରେ ସଧାରଣ ଲୋକେ ଟାଟା ପାୱାରର ଶୋଷଣ ହେଉଛନ୍ତି। ସୂଚନା ମୁତାବକ ସୋମବାର ସାହସପୁର ଗ୍ରାମରେ ଟାଟା ପାୱାରର ୮ ଜଣ କର୍ମଚାରୀ ଅପରାହ୍ନ ସମୟରେ ବିଲ୍ କଲେକ୍ସନ ଆଳରେ ମିଟରର ସିଲକୁ ଖୋଲି ଟ୍ୟାମ୍ପରିଂ କରୁଥିଲେ। ଏହା ଜଣାପଡ଼ିବା ପରେ ଗ୍ରାମବାସୀ ସେମାନଙ୍କୁ ଚାରି ଘଣ୍ଟାରୁ ଅଧିକ ସମୟ ଅଟକ ରଖିଥିଲେ। ଖବର ପାଇ ପାଟପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଟକ କର୍ମଚାରୀଙ୍କୁ ଗ୍ରାମବାସୀ ନିକଟରୁ ଉଦ୍ଧାର କରିବା ପରେ ପରିବେଶ ଶାନ୍ତ ପଡ଼ିଥିଲା। ଟାଟା ପାୱାରର ଏହିଭଳି କାର୍ଯ୍ୟକଳାପକୁ ସାଧାରଣରେ ନିନ୍ଦା କରାଯିବା ସହ ଯଦି ଆଗାମୀ ଦିନରେ ଟାଟା ପାୱାରର ଏହି ଜୁଲମ କରେ ତେବେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

**● ଆନ୍ଦୋଳନ ପାଇଁ ଚେତାବନୀ**

# ମୃତ ଚାଷୀଙ୍କ ପରିବାରକୁ ସହାୟତା



ଛତ୍ରପୁର, ୧୩।୧(ସମିସ): ଆଶା ଠାରୁ କମ ଧାନ ଅମଳ ହେବା ଦେଖି ବିପୁଳିଙ୍ଗି ପଞ୍ଚାୟତ ଅନ୍ତର୍ଗତ କତୁର ଗ୍ରାମର ଚାଷୀ ପି.ଈଶ୍ୱର ରେ‡ୀ ଗତ ଶୁକ୍ରବାର ଜମିରେ ହିଁଟଳି ପଡ଼ିଥିଲେ। ତାଙ୍କୁ ପ୍ରଥମେ ଛତ୍ରପୁର ମେଡିକାଲ ପରେ ବ୍ରହ୍ମପୁର ପୁଣି ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ପଠାଯାଇଥିଲା ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ସୋମବାର କତୁର ଗାଁରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ପହଞ୍ଚି ମୃତ ଚାଷୀଙ୍କ ପରିବାରଙ୍କୁ ଭେଟିବା ସହିତ ତାଙ୍କ ପୁଅ ଓ ଗ୍ରାମର ଅନ୍ୟଚାଷୀଙ୍କ ସହିତ ଘଟଣା ସମ୍ପର୍କରେ ପଚାରି ବୁଝିଛନ୍ତି। ଏହା ସହିତ ବିଧାୟକ ନିଜ ହାତପାଣ୍ଠିରୁ ୨୦ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଛନ୍ତି। ଏ ସମ୍ପର୍କ ଜିଲ୍ଲା ପ୍ରଶାସନଙ୍କୁ ଅବଗତ କରାଇଥିଲେ। ପରେ ଛତ୍ରପୁର ତହସିଲଦାର ଦିବ୍ୟା ମହାନ୍ତି ଗାଁରେ ପହଞ୍ଚି ମୃତ ପରିବାର ବର୍ଗଙ୍କୁ ଭେଟି ରେଡକ୍ରସ ପାଣ୍ଠିରୁ ୩୦ହଜାର ଟଙ୍କା ସହାୟତା ପ୍ରଦାନ କରିଥିବା ସୂଚନା ମିଳିଛି। ଅନ୍ୟପଟେ ଘଟଣାକୁ ନେଇ ଋଷିକୂଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକ ଦୁଃଖ ପ୍ରକାଶ କରିବା ସହିତ ପରିବାର ବର୍ଗଙ୍କୁ ଭେଟି ସମବେଦନା ଜଣାଇଛନ୍ତି।

# ରକ୍ଷଣାବେକ୍ଷଣ ଅଭାବରୁ ସ୍ମାର୍ଟଶିକ୍ଷାରୁ ବଞ୍ଚିତ ଛାତ୍ରଛାତ୍ରୀ

ଶେରଗଡ଼, ୧୩।୧(ସମିସ): ସରକାରୀ ସ୍କୁଲ ପିଲାଙ୍କୁ ଘରୋଇ ବିଦ୍ୟାଳୟ ଭଳି ସମସ୍ତ ପ୍ରକାର ସୁବିଧା ଯୋଗାଇ ଦେବା ଲାଗି ୨୦୨୦ ମସିହାରେ ସରକାରୀ ସ୍କୁଲଗୁଡ଼ିକୁ ରୂପାନ୍ତରଣ କରାଯାଇଥିଲା। ଏହି ରୂପାନ୍ତରଣ କାର୍ଯ୍ୟର ଶୁଭାରମ୍ଭ ଗଞ୍ଜାମ ଜିଲ୍ଲା ଶେରଗଡ଼ ବ୍ଲକରୁ ଆରମ୍ଭ କରିଥିଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି ରୂପାନ୍ତରଣରେ ଶେରଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀ ଅଧୀନସ୍ଥ ୨୭ଟି ଉଚ୍ଚ ବିଦ୍ୟାଳୟ ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ସାମିଲ କରାଯାଇଥିଲା। ସେଥିମଧ୍ୟରୁ ୨୬ଟି ବିଦ୍ୟାଳୟ ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ସ୍ମାର୍ଟ କ୍ଲାସର ସମସ୍ତ ସୁବିଧା ଥିବାବେଳେ ଖିରିଡ଼ା ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀ ସ୍ମାର୍ଟକ୍ଲାସର ସୁବିଧାରୁ ବଞ୍ଚିତ ଅଛନ୍ତି। ଏଠାକାର ସ୍ମାର୍ଟ କ୍ଲାସରେ ନା ଅଛି ପାଣି, ନା ଅଛି ବିଦ୍ୟୁତ, ନା ସ୍ମାର୍ଟ ଲାଇବ୍ରେରୀ, ନା ସ୍ମାର୍ଟ ଲାଇବ୍ରେରୀ, ନା ସ୍ମାର୍ଟ ବୋର୍ଡ। ଏହି ସମସ୍ତ ସୁବିଧା ଛାତ୍ରଛାତ୍ରୀଙ୍କ ଲାଗି ସ୍ୱପ୍ନ ପାଲଟିଛି। ଏଠାରେ ପ୍ରଥମତଃ ବିଦ୍ୟୁତ ସଂଯୋଗ ହୋଇନି। ବିଦ୍ୟୁତ ସଂଯୋଗ ବିନା କେମିତି ଚାଲିବ ସ୍ମାର୍ଟ ଲାଇବ୍ରେରୀ, ସ୍ମାର୍ଟ କ୍ଲାସର ଏଲଇଡି, ପାଣି, ଅତ୍ୟାଧୁନିକ ଶୌଚାଳୟ। ଶୌଚାଳୟ ଯିବା ଲାଗି ନିକଟସ୍ଥ ଜଙ୍ଗଲ ହିଁ ଛାତ୍ରଛାତ୍ରୀଙ୍କ ଭରସା। ଚଳିତ ଶିକ୍ଷା ବର୍ଷରେ ଏହି ବିଦ୍ୟାଳୟରେ ୯ମ ଓ ୧୦ମ ଶ୍ରେଣୀରେ ୮୪ ଜଣ ଛାତ୍ରଛାତ୍ରୀ ଅଧ୍ୟୟନରତ ଅଛନ୍ତି। ଏଠି ଜଣେ ଶିକ୍ଷକ ଡେପୁଟେସନରେ ଥିବା ବେଳେ ହିନ୍ଦୀ ଶିକ୍ଷକ ଆଦୌ ନାହାନ୍ତି। ଏଭଳି ଅବ୍ୟବସ୍ଥାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି। ସ୍କୁଲ ସମସ୍ୟାକୁ ନେଇ ପୂର୍ବତନ ସରପଞ୍ଚ ତଥା ବର୍ତ୍ତମାନର ସରପଞ୍ଚଙ୍କ ପ୍ରତିନିଧି ଅଜିତ କୁମାର ଜେନା ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଅଭିଭାବକଙ୍କ କହିବାନୁଯାୟୀ, ସ୍କୁଲର ଏହି ସବୁ ସମସ୍ୟା ଲାଗି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଠିକ ସମନ୍ୱୟ ରହିପାରୁନାହିଁ। ଫଳରେ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ସରକାର ବିଦ୍ୟାଳୟ ଗୁଡିକରେ ଗୁଣାତ୍ମକ ଶିକ୍ଷା ଦେବା ଲାଗି ପ୍ରଚାର ପ୍ରସାର କରୁଥିବା ବେଳେ ଛାତ୍ରଛାତ୍ରୀ ମାନେ ଗୁଣାତ୍ମକ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ତେଣୁ ଛାତ୍ରଛାତ୍ରୀଙ୍କ ପାଠପଢ଼ାକୁ ଦୃଷ୍ଟିରେ ରଖି ଅଧା ଗଢ଼ା ସ୍ମାର୍ଟ ସ୍କୁଲକୁ ସମ୍ପୂର୍ଣ୍ଣ କଲେ ଛାତ୍ରଛାତ୍ରୀଙ୍କ ଗୁଣାତ୍ମକ ପଢ଼ା ଲାଗି ସହାୟକ ହୋଇପାରିବ ବୋଲି ଅଭିଭାବକମାନେ ଦାବି କରିଛନ୍ତି।

# ମେଧାବୃତ୍ତିରେ ବେଲପୁର ସ୍କୁଲ୍‌ର ସଫଳତା

କବିସୂର୍ଯ୍ୟନଗର, ୧୩।୧(ସମିସ): କବିସୂର୍ଯ୍ୟନଗର ବ୍ଲକ ସୁନାରିଝୋଲା ପଞ୍ଚାୟତ ବେଲପୁର ପ୍ରାଥମିକ ବିଦ୍ୟାଳୟ ମେଧାବୃତ୍ତିରେ ପ୍ରଥମ ଥର ପାଇଁ ଜଣେ ଛାତ୍ର ସଫଳତା ଲାଭ କରିଛି। ଏହି ସ୍କୁଲର ତୃତୀୟ ଶ୍ରେଣୀ ଛାତ୍ର ଅମିତ କୁମାର ପ୍ରଧାନ ସ୍କୁଲ ପାଇଁ ଗର୍ବ ଓ ଗୌରବ ଆଣି ଦେଇଛନ୍ତି।



ଏହି ଅବସରରେ ଛାତ୍ର ଅମିତଙ୍କୁ ଚାରା ପ୍ରଦାନ କରାଯିବା ସହ ପିଲାଙ୍କ ମଧ୍ୟରେ ସଫଳତାର ଖୁସି ସ୍ୱରୂପ ମିଷ୍ଟାନ୍ନ ବଣ୍ଟନ କରାଯାଇଛି। ବାପା ଟୁକୁନା ପ୍ରଧାନ ଓ ମା'ନୁନି ପ୍ରଧାନ ସ୍କୁଲର ପ୍ରଧାନ ଶିକ୍ଷକ, ସହାୟକ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସମସ୍ତ ଛାତ୍ରଛାତ୍ରୀଙ୍କ ମେଳରେ ଅମିତଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି ସ୍କୁଲ କର୍ତ୍ତୃପକ୍ଷ। ବିଇଓ ଅଭିମନ୍ୟୁ ସାହୁ ସଫଳ ଛାତ୍ର ଓ ସ୍କୁଲ କର୍ତ୍ତୃପକ୍ଷଙ୍କୁ ସାଧୁବାଦ ଜଣାଇଛନ୍ତି।

# ଛୁରାମାଡ଼ରେ ଦୁଇ ଗୁରୁତର

ଫୁଲବାଣୀ, ୧୩।୧(ସମିସ): ସଦର ଥାନା ଅନ୍ତର୍ଗତ ଫୁଲବାଣୀ ଭେଟଖୁଲ ଘାଟି ହନୁମାନ ମନ୍ଦିର ପଛପାଖ ପାଣ୍ଡୁଲି ସାହି ନିକଟରେ ତିନିଜଣ ଅଜଣା ଦୁର୍ବୃତଙ୍କ ଛୁରାମାଡ଼ରେ ଦୁଇଜଣ ଗୁରୁତର ଅବସ୍ଥାରେ ଫୁଲବାଣୀ ମୁଖ୍ୟଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସିତ ହେବା ପରେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର ହୋଇଛନ୍ତି। ଉଭୟଙ୍କ ଅବସ୍ଥା ସଂକଟାପନ୍ନ ରହିଛି। ଦୁଇବ୍ୟକ୍ତିଙ୍କ ନାମ ସଞ୍ଜୟ ପ୍ରଧାନ ଓ ରାଜା ମହାନନ୍ଦିଆ। ସଞ୍ଜୟଙ୍କ ଘର ଖଜୁରୀପଡ଼ା ଥାନା ଅଞ୍ଚଳରେ ହୋଇଥିବା ବେଳେ ରାଜାମହାନନ୍ଦିଆଙ୍କ ଘର ଫୁଲବାଣୀ ଥାନା ଜିଙ୍ଗିପଡ଼ାରେ ବୋଲି ଜଣା ପଡ଼ିଛି।

ଏକ ହିରୋ ଡିଲକ୍ସ ମୋଟର ସାଇକେଲ ଆସି ଆକ୍ରମଣ କରି ଫେରାର୍ ହୋଇଯାଇଥିବା ସ୍ଥାନୀୟ ସୂତ୍ରରୁ ଜଣାପଡ଼ିଛି। ତେବେ ସେହି ଅଞ୍ଚଳ ର ନା ଅନ୍ୟ କେଉଁ ଅଞ୍ଚ୍ଳ ର ଦୁର୍ବୃତ୍ତ ଜଣା ପଡ଼ିନାହିଁ କିଛି। ତେବେ ସଦର ଥାନା ପୋଲିସ ଘଟଣାସ୍ଥଳରେ ଏବଂ ଫୁଲବାଣୀ ମେଡିକାଲ ରେ ପହଞ୍ଚି କେଉଁ କାରଣ ରୁ ଛୁରା ମାଡ କରି ଦୁର୍ବୃତ୍ତ ଫେରାର ହୋଇଛିନ୍ତି। ତଦନ୍ତ। କରୁଛି।

## ମଣ୍ଡିରେ ଉଠୁନି ଧାନ

# ସମବାୟ ସମିତିରେ ତାଲା ପକାଇଲେ ଚାଷୀ

ଛତ୍ରପୁର, ୧୩।୧(ସମିସ): ଗଞ୍ଜାମ ଜିଲ୍ଲାରେ ଦୁଇ ଥର ଅଦିନିଆ ବର୍ଷା କାରଣରୁ ବହୁ ଧାନ ଫସଲ ନଷ୍ଟ ହେବା ସହ ବିଳମ୍ବରେ ମଣ୍ଡି ଖୋଲାଯାଇଥିଲା। ଚଳିତ ମାସ ୩ରୁ ଧାନ କିଣା ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଚଳିତ ବର୍ଷ ଗଞ୍ଜାମ ଜିଲ୍ଲାରେ ୪୭୮ ସୋସାଇଟି ଚଳିତ



ବର୍ଷ ଧାନ କିଣାରେ ସାମିଲ ହୋଇଛନ୍ତି। ସେଥିମଧ୍ୟରୁ ୩୬୬ ସେବା ସମାବୟ ସମିତି, ୧୧୧ଟି ସ୍ୱୟଂସହାୟକ ଗୋଷ୍ଠୀ ଓ ଗୋଟିଏ ପାଣି ପଞ୍ଚାୟତ ଚଳିତ ଥରଏହି ଧାନ କିଣା ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ଅନ୍ୟ ପକ୍ଷରେ ବିଭିନ୍ନ ସ୍ଥାନରେ ମଣ୍ଡି ଖୋଲାଯାଇଥିବା ବେଳେ ଧାନ ଉଠୁନାହିଁ। ଛତ୍ରପୁର ବ୍ଲକ ବିପୁଳିଙ୍ଗି ସେବା ସମବାୟ ସମିତିରେ କଟିନ ଛଟନି, ଟୋକେନ ଆସିଥିବା ଚାଷୀଙ୍କ ଧାନ କିଣା ଯାଉନାହିଁ, ୭୫ କେଜି ଧାନ ବସ୍ତାରେ ୨ କେଜି ଅଧିକ ମାଗିବା ସମେତ ବ୍ୟାପକ ଅନିୟମିତତା ନେଇ ଚାଷୀ ତାତିବା ସହ ସୋମବାର ଉକ୍ତ ସେବା ସମବାୟ ସମିତି କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। ଏହି ସେବା ସମବାୟ ସମିତିରେ ୬୨୫ ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜିକରଣ କରିଛନ୍ତି। ବହୁ ଚାଷୀଙ୍କ ଟୋକେନ ୩ ରୁ ୪ ତାରିଖରୁ ଆସିଥିବା ବେଳେ ସେମାନଙ୍କ ଧାନ କିଣା ଯାଉନଥିବା କହିଥିଲେ। ଏପରିକି କୌଣସି ନୋଡାଲ ଅଫିସର ମଧ୍ୟ ଦେଖାନାହିଁ କି ଚାଷୀଙ୍କ ଧାନର ମାନ ଆଣିବାକୁ ପଡ଼ିବ ତାହା ବି ସଠିକ ସୂଚନା ଦେଉ ନାହାନ୍ତି ବୋଲି ଚାଷୀ ମାନେ ଅଭିଯୋଗ କରିଛନ୍ତି।

# ଦିବ୍ୟାଙ୍ଗଙ୍କୁ ସହାୟକ ଉପକରଣ ବଣ୍ଟନ

ଦିଗପହଣ୍ଡି, ୧୩।୧(ସମିସ): ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଦିବ୍ୟାଙ୍ଗ ହିତାଧିକାରୀ ମାନଙ୍କୁ ପ୍ରଶାସନ ପକ୍ଷରୁ ସହାୟକ ଉପକରଣ ବଣ୍ଟନ କରାଯାଇଛି। ବ୍ଲକ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦିଗପହଣ୍ଡି ତହସିଲଦାର ଅନୀତା କୁମାରୀ ସାହୁ, ବିଡ଼ିଓ ଡ଼.ଚିତ୍ତରଞ୍ଜନ ଦାସ ଅତିଥିଭାବେ ଯୋଗଦେଇ ୧୫ ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ ଏବଂ ଜଣେ ଦିବ୍ୟାଙ୍ଗଙ୍କୁ ହ୍ୱିଲ ଚେୟାର ପ୍ରଦାନ କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରଶ୍ମୀ ପ୍ରକାଶିନୀ ଜାନୀ, ସହାୟକ ପ୍ରେମାନନ୍ଦ ପାଣିଗ୍ରାହୀ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଅବଶିଷ୍ଟ ଦିବ୍ୟାଙ୍ଗ ମାନଙ୍କୁ ସହାୟକ ଉପକରଣ ବଣ୍ଟନ କରାଯିବ। ଏହି କାର୍ଯ୍ୟକ୍ରମ ପୂର୍ବଭଳି ଜାରି ରହିବ ବୋଲି ବିଡ଼ିଓ କହିଛନ୍ତି।



# ବେଲଗୁଣ୍ଠାରେ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ

ବେଲଗୁଣ୍ଠା, ୧୩।୧(ସମିସ): ସ୍ଥାନୀୟ ସ୍ୱାମୀ ବିବେକାନନ୍ଦରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରାତଃରେ ଅନୁଷ୍ଠାନର ଛାତ୍ରଛାତ୍ରୀ ମାନେ ସ୍ୱାମୀଜୀଙ୍କ ଗୁଣଗାନ କରି ଏକ ବିଶାଳ ରାଲି ସହିତ ନଗର ପରିକ୍ରମା କରିଥିଲେ। ଏହି ମଧ୍ୟରେ ଜନସାଧାରଣଙ୍କ ପାଖରେ ଦିବ୍ୟବାଣୀ ଗୁଡିକ ପ୍ରଚାର ପ୍ରସାର କରିଥିଲେ। ଏହି ଅବସରରେ ଅନୁଷ୍ଠାନର ସମ୍ପାଦକ ସୁଶାନ୍ତ କୁମାର ବେହେରା ଶିଶୁ ମାନଙ୍କୁ ସ୍ୱାମୀଜୀଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବାପାଇଁ ପରାମର୍ଶ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ କାଶୀନାଥ ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ଗୁରୁମା ସନ୍ଧ୍ୟା, ପିଙ୍କି, ରୁନି, ସୁଜାତା, ଶୁଭମ୍, ମହାଲକ୍ଷ୍ମୀ, ପୂଜା, ଟୁନି, ମାହେଶ୍ୱରୀ, ମାଧୁରୀ, ସିମ୍ରନ୍, ବିସ୍ମିତା, ଗୁରୁଜୀ ସୁକାନ୍ତ, ଶିବରାମ, ସତ୍ୟ, ବସନ୍ତ, ସନ୍ତୋଷ, ଗୁଣ୍ଡିଚା, ନୀଳମାଧବ ସହଯୋଗ କରିଥିବା ବେଳେ ସହ ପ୍ରଧାନ ଆଚାର୍ଯ୍ୟା ଶୁଭଶ୍ରୀ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।




# ଭୋଗି ଉତ୍ସବ: ମରାଠୀ ସମ୍ପ୍ରଦାୟର ନିଆରା ପର୍ବ

ଭଞ୍ଜନଗର, ୧୩।୧(ସମିସ):



ପବିତ୍ର ପୌଷ ପୂର୍ଣ୍ଣିମା ତିଥି ସହ ଆରମ୍ଭ ହୋଇଯାଇଛି ତେଲୁଗୁ ସମ୍ପ୍ରଦାୟର ଭୋଗି ଓ ପୋଙ୍ଗଲ ଉତ୍ସବ। ସ୍ଥାନୀୟ ମରାଠୀ ସାହିରେ ଏଥିପାଇଁ ସୋମବାରଠାରୁ ଆରମ୍ଭ ହୋଇଯାଇଛି ଏକ ବିଶେଷ ଉତ୍ସବ। ପ୍ରତି ପୌଷ ପୂର୍ଣ୍ଣିମା ତଥା ଭୋଗି ଉତ୍ସବ ଦିନ ସାହିର ମହିଳାମାନେ ନୂତନ ବସ୍ତ୍ର ପରିଧାନ କରି ପବିତ୍ର କଳସ ଯାତ୍ରା ବାହାର କରିଥାନ୍ତି। ଏଥିରେ ପଣା ପାଣି ଆଦି ନେଇ ମହିଳାମାନେ ସାହି ଲୋକଙ୍କ ସହ ମିଶି ବାଜା ବଜାଣା କରି ନିଜର ଇଷ୍ଟ ଦେବୀଙ୍କ ନିକଟରେ ଏସବୁକୁ ଅର୍ପଣ କରିବାସହ ପୂଜା ପାଠ କରି ବର୍ଷସାରା ସେମାନେ ଯେପରି ଖୁସିରେ ପରିବାର ସହ ରହିବେ ତାହା ମନାସୀ ମାଆଙ୍କ ନିକଟରେ ଅଧିଆ ପଡ଼ିଥାନ୍ତି। ଆଉ ଶେଷରେ ପୁଣି ସାହିକୁ ଫେରିଥାନ୍ତି। ଆଜିଠାରୁ ଏଥିପାଇଁ ସାହିର ପ୍ରତ୍ୟେକ ଘରେ ପିଠାପଣାର ଆସର ଜମିଥାଏ। ମକର ସଂକ୍ରାନ୍ତି ତିଥିରେ ସାହିରେ ଉତ୍ସବର ମାହୋଲ ସୃଷ୍ଟି ହୋଇଥାଏ। ନିଜ ଇଷ୍ଟଦେବୀଙ୍କୁ ନୂତନ ଭୋଗ ଅର୍ପଣ କରିବାସହ ଏମାନେ ନିଜର କର୍ମମୟ ଜୀବନ ଆରମ୍ଭ କରିଥାନ୍ତି। ସୋମବାର ମରାଠି ସାହିରୁ ବହୁ ମହିଳା ସୁସଜ୍ଜିତ କଳସ ଯାତ୍ରା ବାହାର କରିଥିବାବେଳେ ଏହା ଯାମପଲ୍ଲୀ ସ୍ଥିତ ରାମଚଣ୍ଡୀ ମନ୍ଦିର ଯାଏଁ ଚାଲିଥିଲା। ରାମଚଣ୍ଡୀ ମନ୍ଦିର ପରିସରରେ ଏମାନେ ଇଷ୍ଟଦେବୀ ମା' ରାମଚଣ୍ଡୀଙ୍କ ନିକଟରେ ପଣାପାଣି ଭୋଗ କରି ଡାଳିଥିଲେ। ଏହି କାର୍ଯ୍ୟକ୍ରମକୁ ସାହି ବାସିନ୍ଦା ସହଯୋଗ କରିଥିଲେ।

# ଜଗନ୍ନାଥପ୍ରସାଦରେ ଜାତୀୟ ଯୁବ ଦିବସ

ଜଗନ୍ନାଥପ୍ରସାଦ, ୧୩।୧(ସମିସ): ଜଗନ୍ନାଥପ୍ରସାଦ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଯୁବ ରେଡକ୍ରସ୍ ଶାଖା, ଜାତୀୟସେବା ଯୋଜନା ମିଳିତ ଶାଖା ଓ ଭାରତ ସରକାରଙ୍କ ପ୍ରଯୋଜିତ ୟୁନିସେଫ୍ ୟୁଥ୍ ଫର୍ ୱାଟର ସେବା ଭାରତ ଜ୍ଞାନ ବିଜ୍ଞାନ ସମିତି ଶାଖା ମିଳିତ ଆନୁକୂଲ୍ୟରେ ଅଧକ୍ଷ ନୃସିଂହ ଚରଣ ପ୍ରଧାନଙ୍କ ସଭାପତିତ୍ୱରେ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଯୁବ ରେଡକ୍ରସ୍ କାଉନସିଲର ସୁନିର କାନ୍ତ ମିଶ୍ର ଜାତୀୟ ଯୁବ ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଡ଼ଃ ଜୟ ଦେବ ଗୌଡ଼ ଯୋଗ ଦେଇ ବିବେକାନନ୍ଦଙ୍କ ଜୀବନୀ ବିଷୟରେ ଛାତ୍ରଛାତ୍ରୀ ମାନଙ୍କୁ ବୁଝାଇଥିଲେ। ଅଧକ୍ଷ ଶ୍ରୀ ପ୍ରଧାନ ନିଜର ବକ୍ତବ୍ୟରେ ଉନ୍ନତ ସମାଜ ଗଠନରେ ଯୁବକ ମାନଙ୍କର ଭୂମିକା ଉପରେ ଆଲୋଚନା କରିଥିଲେ। ଛାତ୍ରୀ ଆତ୍ମସୁରକ୍ଷା ପ୍ରଶିକ୍ଷିକା ସ୍ମୃତିମୟୀ ପାତ୍ର ନାରୀ ସୁରକ୍ଷା ଉପରେ କହିଥିଲେ। ଯୁବ ରେଡକ୍ରସ୍‌ର ଆଜୀବନ ସଭ୍ୟ ଡିଇଓ ସରୋଜ କୁମାର ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ଶୋଭନ ସାହୁ, ସାଇରାମ ପ୍ରଧାନ, ଚନ୍ଦ୍ରକାନ୍ତ ଷଡ଼ଙ୍ଗୀ, ମନୋଜ କୁମାର ପ୍ରଧାନ, ଗୋପାଳ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

### ସ୍ଥାଣୁ ପାଲଟିବ କି ପାରଳାଖେମୁଣ୍ଡି ପୌରପରିଷଦ ?

# ଦେଢ଼ବର୍ଷରେ ବଦଳିଲେଣି ୯ ନିର୍ବାହୀ ଅଧିକାରୀ

ପାରଳାଖେମୁଣ୍ଡି,୧୩।୧(ସମିସ)



ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ପୌରପାଳିକା ପୂର୍ବତନ ମାଡ୍ରାସ ପ୍ରେସିଡେନ୍ସିର ଆଦେଶ ନଂ ୪୦୩(ଏମ୍) / ତାରିଖ ୧୭.୦୮.୧୮୮୫ ଅନୁଯାୟୀ ଗଠିତ ହୋଇଥିଲା । ଏହା ବିଜ୍ଞପ୍ତି ନଂ ୩୦୦୩/ ଆଇ ଆଣ୍ଡ ଓ, ତାରିଖ ୧୬.୦୪.୧୯୫୭ ଅନୁଯାୟୀ ଓଡ଼ିଶା ସରକାରଙ୍କ ପ୍ରଶାସନିକ ନିୟନ୍ତ୍ରଣରେ ଆସିଥିଲା। ଏପରି ଏକ ସର୍ବ ପୁରାତନ ପୌରପରିଷଦ ବା ପୌରପାଳିକାର ସ୍ଥିତି ବର୍ତ୍ତମାନ ଦୁର୍ବଳ ହୋଇପଡିଛି । ବିଭିନ୍ନ ସମୟରେ ବିଭିନ୍ନ ସରକାରଙ୍କ ଠାରୁ ଆରମ୍ଭ କରି ପ୍ରଶାସନ ଏପରି ଏକ ଐତିହ୍ୟ ବହନ କରୁଥିବା ସହର ସମ୍ପର୍କେ ଉଣା ଅଧିକ ଜାଣନ୍ତି । ହେଲେ ଘୋର ଆନ୍ତରିକତା ଅଭାବରୁ ଏହା ଏବେ ସରକାର ବା ପ୍ରଶାସନର ସାବତପୁଅ ପାଲଟିଛି । ଉତ୍କଳ ମାଟିକୁ ଏହି ଐତିହାସିକ ସହରର ଅବଦାନ ଅତୁଳନୀୟ । ହେଲେ ଏହି ପୁରାତନ ସହରର ବିକାଶ ଏବେ ବାଟ ହୁଡା ହୋଇପଡିଛି। ଦେଶ ସ୍ୱାଧୀନ ପରେ ସରକାରୀ କଳର ପ୍ରଶାସକଙ୍କ ଠାରୁ ଆରମ୍ଭ କରି ଗଣତନ୍ତ୍ର ପଦ୍ଧତିରେ ନିର୍ବାଚିତ ହେଉଥିବା ସାଂସଦ, ବିଧାୟକ ତଥା ଜନପ୍ରତିନିଧି ଶାସନ କରୁଛନ୍ତି । ହେଲେ ନିଜ ନିଜ ଦାୟିତ୍ୱଭାର ବା ଅବଧି ପୁରଣ ସରିଗଲା ପରେ ସେମାନଙ୍କ ପାଇଁ ଅଲଡା ହେଉଛି ପାରଳାଖେମୁଣ୍ଡି। ସହରର ବିକାଶ ବା ସୌନ୍ଦର୍ଯ୍ୟକରଣ ପ୍ରତି ଧ୍ୟାନ ଦିଆଯାଉନାହିଁ। ଏପରି ପରିସ୍ଥିତିରେ ରହିଥିବା ପାରଳାଖେମୁଣ୍ଡି ପୌରପରିଷଦରେ ଦୀର୍ଘ ତିନ ବର୍ଷରୁ ଅଧିକ ସମୟ ହେଲା ସ୍ଥାୟୀ ନିର୍ବାହୀ ଅଧିକାରୀ ରହୁନାହାନ୍ତି । ଅଧିକାରୀ ଆସୁଛନ୍ତି ଆଉ ଯାଉଛନ୍ତି । ସୂଚନା ପ୍ରକାରେ ୨୨.୯.୨୦୨୨ରେ ଦାୟିତ୍ୱ ଗ୍ରହଣ କରି ୩୦.୧୧.୨୦୨୨ ରେ ଅନ୍ୟତ୍ର ବଦଳି ହୋଇଥିଲେ ଜୁବୁଲି ବେହେରା। ସେହିପରି ନଟବର ଗରଡା ୩୦.୧୧.୨୦୨୨ରେ ଦାୟିତ୍ୱ ଗ୍ରହଣ କରି ୧୨.୦୪.୨୦୨୩ରେ ଅନ୍ୟତ୍ର ବଦଳି ହୋଇଥିଲେ। ୧୨.୪.୨୦୨୩ରେ ଦାୟିତ୍ୱ ନେଇ ୧.୨.୨୦୨୪ ପର୍ଯ୍ୟନ୍ତ ଦାୟିତ୍ୱ ତୁଲାଇଥିଲେ ବନମାଳୀ ଶତପଥୀ। ତାପରେ ସୁଜିତ କୁମାର ଚୌଧୁରୀ ୧.୨.୨୦୨୪ରେ ଦାୟିତ୍ୱ ଗ୍ରହଣ କରି ମାତ୍ର ଗୋଟିଏ ମାସରେ ୫.୩.୨୦୨୪ ରେ ଅନ୍ୟତ୍ର ବଦଳି ହୋଇଥିବା ବେଳେ ପ୍ରାଣକୃଷ୍ଣ ପାଣିଗ୍ରାହୀ ୫.୩.୨୦୨୪ ରୁ ୭.୩.୨୦୨୪ ପର୍ଯ୍ୟନ୍ତ ଦାୟିତ୍ୱ ତୁଲାଇଥିଲେ । ସେହିଭଳି ୭.୩.୨୦୨୪ ରେ ପ୍ରମୋଦ କୁମାର ଖିଲୋଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ମାତ୍ର ତାଙ୍କୁ ୨୯.୬.୨୦୨୪ରେ ତାଙ୍କୁ ମଧ୍ୟ ବଦଳି କରାଯାଇଥିଲା । ଏହାପରେ ଲିପିକା ଦାସ ୨୯.୬.୨୦୨୪ ଦାୟିତ୍ୱ ଦିଆଗଲା ପରେ ମାତ୍ର ଦୁଇମାସ ମଧ୍ୟରେ ୨.୮.୨୦୨୪ରେ ତାଙ୍କୁ ପୁଣି ଦାୟିତ୍ୱରୁ ହଟାଇ ଦିଆଯାଇଥିଲା । ଏହା ପରେ ଗୌର ଚନ୍ଦ୍ର ପଟ୍ଟନାୟକଙ୍କୁ ୯.୮.୨୦୨୪ ରେ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା ଓ ୭.୧୧.୨୦୨୪ରେ ତାଙ୍କର ମଧ୍ୟ ଅନ୍ୟତ୍ର ବଦଳି ହୋଇଥିବା ବେଳେ ୭.୧୧.୨୦୨୪ରେ ୱାଇ.ବି. ଅହମ୍ମଦଙ୍କୁ ଦାୟିତ୍ୱ ମିଳିଥିଲା ତାଙ୍କର ଅନ୍ୟତ୍ର ବଦଳି ହେବା ପରେ ପୁଣି ଥରେ ଗୌର ଚନ୍ଦ୍ର ପଟ୍ଟନାୟକଙ୍କୁ ଏହି ଦାୟିତ୍ୱ ଦିଆଯାଇଛି । ସେ ଗୋଷାଣି ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାବେ ଅବସ୍ଥାପିତ ଅଛନ୍ତି । ତେବେ ଚଳିତ ମାସ ୨ ତାରିଖରେ ନଗର ବିଭାଗ ପକ୍ଷରୁ ଜାରି ହୋଇଥିବା ଚିଠି ଅନୁସାରେ ଲକ୍ଷ୍ମଣ କୁମାର ମୁର୍ମୁଙ୍କୁ ପାରଳାଖେମୁଣ୍ଡି ପୌରପରିଷଦର ନିର୍ବାହୀ ଅଧିକାରୀ ଭାବରେ ଅବସ୍ଥାପିତ ହେବାକୁ ନିର୍ଦ୍ଦେଶ ହୋଇଛି କିନ୍ତୁ ସେ ଏପର୍ଯ୍ୟନ୍ତ ଦାୟିତ୍ୱ ଗ୍ରହଣ କରିନାହାନ୍ତି। ଏହି ପୌର ପରିଷଦରେ ଦାୟିତ୍ୱ ଭାର ନେବା ପାଇଁ ରହୁନାହାନ୍ତି ନିର୍ବାହୀ ଅଧିକାରୀ। କାର୍ଯ୍ୟାଳୟରେ ଲାଗିଥିବା ତାଲିକା ଅନୁସାରେ ଗତ ୧୮ ମାସ ମଧ୍ୟରେ ୯ ଜଣ ଅଧିକାରୀଙ୍କ ବଦଳି ହେଲାଣି। ଯାହା ଫଳରେ ପୌରପରିଷଦ ଅଞ୍ଚଳର ଉନ୍ନୟନମୂଳକ କାର୍ଯ୍ୟ କିଭଳି ଚାଲୁଥିବ ତାହା ସହଜରେ ଅନୁମାନ କରାଯାଇ ପାରେ ବୋଲି କୁହାଯାଉଛି। ଏହି ପୌରପରିଷଦରେ କେବଳ ନିର୍ବାହୀ ଅଧିକାରୀ ପଦରେ ଏତେ ବଦଳି କାହିଁକି ହେଉଛି ତାହା ପ୍ରଶ୍ନ ହୋଇଛି। ଅନ୍ୟପକ୍ଷରେ ପୌରପରିଷଦର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବାଟମାରଣା ହୋଇଥିବା ଏବଂ ଫାଇଲ୍ ଗୁଡିକୁ ଦେଖି ହାତ ମାରିବା ପାଇଁ ଭୟ ଉପୁଜୁଥିବାରୁ ଏପରି ବାରମ୍ବାର ନିର୍ବାହୀ ଅଧିକାରୀ ବଦଳୁଥିବା ଅଭିଯୋଗ କରିଛନ୍ତି ବୁଦ୍ଧିଜୀବୀ । ଏପରି ଅବ୍ୟବସ୍ଥା ମଧ୍ୟରେ ଥିବା ଯୋଗୁଁ କୌଣସି ଅଧିକାରୀ ମୁଣ୍ଡ ପୁରାଇ ବିପଦକୁ ଆମନ୍ତ୍ରଣ କରିବାକୁ ଚାହୁଁନାହାନ୍ତି। ସେଥିପାଇଁ କୌଣସି ସ୍ଥାୟୀ ନିର୍ବାହୀ ଅଧିକାରୀ ରହିବାକୁ ନାରାଜ ବୋଲି ଚର୍ଚ୍ଚା ଜୋର ଧରିଛି। ଏପରି ପରିସ୍ଥିତିରେ ସାଧାରଣରେ ଚର୍ଚ୍ଚା ହେଉଛି ଯେ, ଆଗାମୀ କିଛି ଦିନ ପରେ ପୌରପରିଷଦ ସ୍ଥାଣୁ ପାଲଟିଯିବ।

ଉନ୍ନୟନ କାମକୁ ନେଇ ପ୍ରଶ୍ନବାଚୀ

## ପୌଷ ପୂର୍ଣ୍ଣିମାରେ ଖୋଲିଲା ମା' ବରାଳିନୀଙ୍କ ଦ୍ୱାର



ଜି.ଉଦୟଗିରି,୧୩।୧(ସମିସ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରିର ଅଧିଷ୍ଠାତ୍ରୀ ଦେବୀ ମା' ବରାଳିନୀଙ୍କ ବର୍ଷକୁ ମାତ୍ର ୫ ଥର ଦ୍ୱାର ଖୋଲୁଥିବା ବେଳେ ବାକି ଦିନରେ ଭକ୍ତ ବାହାରେ ପୂଜାଅର୍ଚ୍ଚନା କରିଥାନ୍ତି। ଏହି କ୍ରମରେ ପୌଷ ପୂର୍ଣ୍ଣିମା ଉପଲକ୍ଷେ ସୋମବାର ମା'ଙ୍କ ଦ୍ୱାର ଖୋଲା ଯାଇଥିବା ବେଳେ ସ୍ୱତନ୍ତ୍ର ରୀତିନୀତି ଅନୁଷ୍ଠିତ ହୋଇଛି। ଏଥିପାଇଁ କମିଟି ତରଫରୁ ସ୍ୱତନ୍ତ୍ର ପ୍ରସ୍ତୁତି କରାଯାଇଥିବା ବେଳେ ମାଙ୍କ ଦର୍ଶନ କରିବାକୁ ଲାଗିଥିଲା ଭକ୍ତଙ୍କ ଭିଡ। ଜେଷ୍ଠ ମାସ ଶୁକ୍ଳ ପକ୍ଷ ନବମୀ ଏବଂ ଦଶମୀରେ ଜନ୍ତାଳ ଯାତ୍ରା, ଗହ୍ମା ପୂର୍ଣିମା, ଭାଦ୍ରବ ଶୁକ୍ଳ ପକ୍ଷରେ ନୂଆ ଖିଆ, ପୌଷ ପୂର୍ଣ୍ଣିମା ସହିତ ଫାଲଗୁନ ମାସରେ ଶୁକ୍ଳ ପକ୍ଷରେ ମାଙ୍କ ଦ୍ୱାର ଖୋଲାଯାଉଥିବାରୁ ଏସବୁ ଦିନକୁ ଭକ୍ତ ଅପେକ୍ଷା କରିଥାନ୍ତି। ଏହି ଦିନରେ ମାଙ୍କ ସ୍ୱତନ୍ତ୍ର ରୀତିନୀତି ହୋଇଥିବା ବେଳେ ପରିଚାଳନା କମିଟି ତରଫ ପୂର୍ବ ପ୍ରସ୍ତୁତି କରାଯାଇଥାଏ।

## ଗୁମ୍ମା ବ୍ଲକ୍‌ରେ ନୂତନ ବିଡିଓଙ୍କ ଯୋଗଦାନ



ଗୁମ୍ମା,୧୩।୧(ସମିସ): ଗଜପତି ଜିଲ୍ଲା ଗୁମ୍ମା ବ୍ଲକରେ ନୂତନ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାବେ ଦୁଲେରାମ ମାରାଣ୍ଡି ଯୋଗ ଦେଇଛନ୍ତି। ଏହାପୂର୍ବରୁ ସେ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକରେ କାର୍ଯ୍ୟରତ ପରେ ପଞ୍ଚାୟତିରାଜ ବିଭାଗରେ ଥିଲେ।ଗୁମ୍ମା ବିଡ଼ିଓ ଆକାଶ କୁମାର ପଣ୍ଡାଙ୍କୁ ଆଠଗଡ଼ ବ୍ଲକକୁ ବଦଳି ହୋଇଥିଲା। ଅତିରିକ୍ତ ଦାୟିତ୍ୱ ଭାବେ ନୂଆଗଡ଼ ବିଡିଓ ଲୋକନାଥ ଶବର ସୋମବାର ନୂତନ ବିଡ଼ିଓ ମାରାଣ୍ଡିଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଶ୍ରୀ ମାରାଣ୍ଡି ଗୁମ୍ମା ବ୍ଲକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ତଥା ଉପାନ୍ତ ଅଞ୍ଚଳରେ ଥିବାବେଳେ ସରକାରୀ ସୁବିଧା ଯୋଗାଇ ଦେବା ସହ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଉନ୍ନୟନ ମୂଳକ ବିକାଶ କରିବା ପାଇଁ ଚେଷ୍ଟା କରିବେ ବୋଲି କହିଛନ୍ତି। ନୂତନ ବିଡିଓଙ୍କୁ ବିଭିନ୍ନ ବର୍ଗରୁ ସ୍ୱାଗତ କରାଯାଇଛି। ସୂଚନା ଯୋଗୁଁ ଯେ ଦୁଇ ବର୍ଷ ମଧ୍ୟରେ ଗୁମ୍ମା ବ୍ଲକରେ ଚାରିଜଣ ବିଡ଼ିଓଙ୍କୁ ବଦଳି ହୋଇଛି। ଯାହାଫଳରେ ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ପ୍ରତିବନ୍ଧକ ସାଜିଛିଥିବା ଗୁମ୍ମା ବ୍ଲକ ନାଗରିକ ମଞ୍ଚ ପକ୍ଷରୁ କୁହାଯାଇଛି।

## ପାରଳା ସହରରେ ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ

ପାରଳାଖେମୁଣ୍ଡି,୧୩।୧(ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ଓଡ଼ିଶାର ସର୍ବପୁରାତନ ଦ୍ୱିତୀୟ ପୌରାଞ୍ଚଳ । ଏପରିକି ପାରଳାଖେମୁଣ୍ଡି ଏକ ଶତାୟୁ ପୌରାଞ୍ଚଳ। ସମୟ କ୍ରମେ ଜନସଂଖ୍ୟା ବଢିଛି। ଯାନ ବାହାନ ବଢିଛି । ଦୋକାନ ବଜାର ବଢିଛି କିନ୍ତୁ ସଡକ ପ୍ରଶସ୍ତିକରଣ କିମ୍ବା ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ କୌଣସି ବ୍ୟବସ୍ଥା ଗ୍ରହଣ କରାଯାଇନାହିଁ। କେବଳ ପୁରୁଣା ସଡକ ଉପରେ କେବେ ପିଚୁ, ମେଟାଲ ପଡିଛି ତ ଆଉ କେବେ ସିମେଣ୍ଟ । କିନ୍ତୁ ନା ସ୍ଥିତିରେ ପରିବର୍ତ୍ତନ ହୋଇଛି ନା ଦିନକୁ ଦିନ ବଢି ଚାଲିଥିବା ଟ୍ରାଫିକ୍ ସମସ୍ୟାରେ ପୂର୍ଣ୍ଣଚ୍ଛେଦ ଲାଗିଛି । ଧିରେ ଧିରେ ସମଗ୍ର ସହରରେ ଉଠା ଦୋକାନୀ, ସିଜନ୍ ଦୋକାନୀ, ଠେଲା ଗାଡି ଆଦି ବଢିବାରେ ଲାଗିଛି। ଆଉ ସବୁଠାରୁ ବିସ୍ମୟର ବିଷୟ ଯେଉଁଠି ଦେଖିଲେ ଅସ୍ଥାୟୀ ମାଛ, ମାଂସ, ପନିପରିବା ଦୋକାନୀଙ୍କ ପ୍ରବଳ ମାତ୍ରାରେ ବିକ୍ରୟ ହେଉଛି। ଏଥି ଯୋଗୁଁ ଟ୍ରାଫିକ୍ ସମସ୍ୟା ଦ୍ୱିଗୁଣିତ ହେଉଥିବା ବେଳେ ଖୋରାକ ଯୋଗାଉଛନ୍ତି ଅଟୋରିକ୍ସା, ବୁଲା ଗାଈଗୋରୁ। ଅନେକ ସ୍ଥାନରେ ଭେଣ୍ଡିଂ ଜୋନ୍ ନିର୍ମାଣ ହୋଇଛି। ପୌରପାଳିକାର ସପିଂ କମ୍ପ୍ଲେକ୍ସ ମଧ୍ୟ ରହିଛି। ହେଲେ ସେଗୁଡିକ ଖାଲି ରହିଛି। ରାସ୍ତା ଉପରେ ଉଠା ଦୋକାନୀଙ୍କ ଗହଳି ଯେମିତିକି ସେମିତି ରହୁଛି। ପୁଲିସ୍ ହୁସିଲ୍ ମାରିବା ଛଡା ଲାଚାର ସ୍ଥିତିରେ ରହିଥିବା ବେଳେ ପୁନେଇ ପର୍ବ ଆସିଲେ ବସଷ୍ଟାଣ୍ଡରୁ ହାଇସ୍କୁଲ ଛକ କିମ୍ବା ପୁରୁଣା କୋର୍ଟ ଛକରୁ ଡାକ୍ତରଖାନା ରାସ୍ତା ପାର କରିବା ପାଇଁ ୨୦ରୁ ୨୫ ମିନିଟ୍ ଲାଗୁଛି। ଏହାକୁ ନେଇ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

## ଆନ୍ଧ୍ର-ଓଡ଼ିଶା ଅବକାରୀ ବିଭାଗର ମିଳିତ ଚଢ଼ଉ



କାଶୀନଗର,୧୩।୧(ସମିସ)

ଗଜପତି ଜିଲ୍ଲା କାଶୀନଗର ବ୍ଲକ୍‌ରେ ଅବୈଧ ଦେଶୀ ମଦ କାରବାର ବଢି ଚାଲିଥିବା ବେଳେ ଅବକାରୀ କମିଶନର ଓ ଗଜପତି ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଆନ୍ଧ୍ର-ଓଡିଶା ଉଭୟ ରାଜ୍ୟର ଅବକାରୀ ବିଭାଗ ପକ୍ଷରୁ ଗ୍ରାମାଞ୍ଚଳର ବିଭିନ୍ନ ସ୍ଥାନରେ ଅତର୍କିତ ଚଢ଼ଉ କରାଯାଇଥିଲା। ପାରଳାଖେମୁଣ୍ଡି ଓ କାଶୀନଗର ପୁଲିସ୍ ସହାୟତାରେ ଏହି ଚଢ଼ଉ ସମୟରେ ସିଂଗିପୁର, ସିରିଡ଼ା, ଗୁର୍ସିଙ୍ଗିଗୁଡା, ତାମିଲିଗୁଡା ଓ ନେରେଡ଼ିଗୁଡା ଅଞ୍ଚଳରୁ ୭୪୦୦ ଲିଟର ପୋଚ ଓ ୧୧୪୦ ଲିଟର ଦେଶୀ ମଦ ଜବତ ସହ ନଷ୍ଟ କରା ଯାଇଥିବା ଉଲ୍ଲେଖିତ ବିଭାଗ ପକ୍ଷରୁ ପ୍ରକାଶ। ଏଥିରେ ଓଡିଶାର ୩୨ ଓ ଆନ୍ଧ୍ରର ୩୨ ଜଣ ଅବକାରୀ ଓ ପୁଲିସ ଅଧିକାରୀ ଏବଂ କର୍ମଚାରୀ ଭାଗ ନେଇଥିଲେ। ଗଜପତି ଅବକାରୀ ବିଭାଗ ଆରକ୍ଷୀ ଅଧିକ୍ଷକ ପ୍ରଦୀପ କୁମାର ସାହୁ ଓ ସହକାରୀ ଆରକ୍ଷୀ ଅଧିକ୍ଷକ ବିଭୂତି ଭୂଷଣ ଦ୍ୱାରୀଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା।

## ବିଏସ୍‌ଏଫର ଜନସଚେତନତା ଶିବିର

ବାଲିଗୁଡା,୧୩।୧(ସମିସ): ସୋମବାର ଦିନ ବାରଖମା, ବିଏସଏଫ କ୍ୟାମ୍ପ ପରିସର କମିଟି ହଲରେ ୧୩୬ ବାଟାଲିଆନର ଆସିଷ୍ଟାଣ୍ଟ କମାଣ୍ଡର ନିର୍ମଳ ଦାସ ଙ୍କ ନେତୃତ୍ୱରେ ଏକ ଜନ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଉକ୍ତ ଶିବିର ରେ ବିଏସଏଫର ବରିଷ୍ଠ ଅଧିକାରୀ ସିଓ ମାନସ ରଞ୍ଜନ ପଣ୍ଡା ଓ ଆସିଷ୍ଟାଣ୍ଡ ସିଓ ପରାଗ ଦେବ ଗୁପ୍ତା ଉପସ୍ଥିତ ଥିଲେ। ଶିବିରରେ ଉପସ୍ଥିତ ସମସ୍ତଙ୍କୁ ସିଓ ରଞ୍ଜନ ପଣ୍ଡା ନୂତନ ବର୍ଷ ର ଅଭିନନ୍ଦନ ଜଣାଇ ସ୍ୱାଗତ କରିଥିଲେ। ଦେଶରେ ବିଏସଏଫ ର ଭୂମିକା କେତେ ଗୁରତ୍ୱପୂର୍ଣ୍ଣ ଓ ସୁରକ୍ଷାର ପ୍ରାଚୀର ଭାବେ କାର୍ଯ୍ୟ କରିଆସୁଛି ସେ ସମ୍ପର୍କରେ କହିଥିଲେ। ଆଗାମୀ ସମୟରେ ବାରଖମା, ରେବୀଙ୍ଗିଆ, ସୁଭ୍ରା ଗ୍ରାମର କିଛି ଅସହାୟ ଗରିବ ଲୋକଙ୍କୁ କିଛି ସାମଗ୍ରୀ, କମ୍ବଳ, ବାଲ୍ଟି, ଲାଇଟ, ବ୍ୟବହାରିକ ବସ୍ତ୍ର ଏବଂ ସ୍କୁଲ ଛାତ୍ରଛାତ୍ରୀଙ୍କୁ ଖେଳ ସାମଗ୍ରୀ ଦିଆଯିବା ସହ ଦୁଇ ତିନି ଦିନ ମଧ୍ୟରେ ଏକ ଚକ୍ଷୁ ଶିବିର ଆୟୋଜନ କରାଯାଇ ଦୃଷ୍ଟି ସମସ୍ୟା ଥିବା ବ୍ୟକ୍ତିଙ୍କୁ ମାଗଣାରେ ଚଷମା ପ୍ରଦାନ



କରାଯିବ। କ୍ୟାମ୍ପ ତରଫରୁ ଏକ ଡାକ୍ତରୀ ଟିମ ଦ୍ୱାରା ଏକ ସ୍ୱାସ୍ଥ୍ୟ ଶିବିର କରାଯିବ ବୋଲି କହିଥିଲେ । ଅତି ଜରୁରୀ ପରିସ୍ଥିତିରେ ଡାକ୍ତର ଖାନାକୁ ନେବା ପାଇଁ ଯାନବାହାନ ଆବଶ୍ୟକ ପଡିଲେ କ୍ୟାମ୍ପକୁ ସହାୟତା ମାଗିବେ ଏବଂ ସାପ କାମୁଡ଼ିଲେ ମଧ୍ୟ କ୍ୟାମ୍ପରେ ପ୍ରତିରୋଧ କ୍ଷମତା ଔଷଧ ଯୋଗାଇ ଦିଆଯିବ ବୋଲି କୁହାଯାଇଥିଲା। ଶିବିରରେ ବାରଖମା ସରପଞ୍ଚ କୁମୁଦିନୀ ମଲିକ, ରେବୀଙ୍ଗିଆ ସରପଞ୍ଚ ରଞ୍ଜୁଲତା ମଲିକ, ବାରଖମା ଜନପ୍ରତିନିଧି ପରମାନନ୍ଦ ନାୟକ, ରେବୀଙ୍ଗିଆ ନାଏବ ସରପଞ୍ଚ, ବୁଦ୍ଧିଜୀବୀ ସଂଜୀବ ଦିଗାଲ, ଏଲିୟ ନାୟକ, ମିହିର ଦିଗାଲ, ସାନନ୍ଦ ମଲିକ, ବାସୁଦେବ ଦିଗାଲ ଓ ପ୍ରସନ୍ନ ନାୟକ ସୁଭ୍ରା ଓ ଅନ୍ୟମାନେ ଯୋଗ ଦେଇଥିଲେ।

## ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ



ପାରଳାଖେମୁଣ୍ଡି,୧୩।୧(ସମିସ)

ପାରଳାଖେମୁଣ୍ଡି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୫ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ରବିବାର ସନ୍ଧ୍ୟାରେ ଅନୁଷ୍ଠାନର ସଭାପତି ସୁବାସ ଚନ୍ଦ୍ର ଜମାଦାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାକାର୍ଯ୍ୟରେ ମୁଖ୍ୟ ଅତିଥି ଭାବେ ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଗଜପତି ଆରକ୍ଷୀ ଅଧିକ୍ଷକ ଯତିନ୍ଦ୍ର କୁମାର ପଣ୍ଡା, ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିରାଙ୍ଗ୍ ସ୍ଥିତ ବୌଦ୍ଧ ମନ୍ଦିରର ମୁଖ୍ୟ ଗୁରୁ କେମ୍ପୋଜୀ ଶିଶୁ ମନ୍ଦିର ବ୍ୟବସ୍ଥାର ଭୂୟସୀ ପ୍ରଶଂସା କରିବା ସହ ଏହାର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ।

ମୁଖ୍ୟବକ୍ତା ଭାବେ ଡ.ଅନ୍ନପୂର୍ଣ୍ଣା ଦେବୀ ଯୋଗ ଦେଇଥିଲେ। ସଂପାଦକ ଚନ୍ଦ୍ର ଶେଖର ପଟ୍ଟନାୟକ ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ଅନୁଷ୍ଠାନର କୋଷାଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ପାଢ଼ୀ ଧନ୍ୟବାଦ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ପଣ୍ଡା ଅତିଥି ମାନଙ୍କ ପରିଚୟ ପ୍ରଦାନ ଓ ସହ ସଂପାଦକ ବିଭୁତି ଭୂଷଣ ରଥ ସମ୍ମାନ ଓ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଇତ୍ୟବସରରେ ଅଙ୍ଗଦାନୀ ଯୁବକ ଦିବଙ୍ଗତ ନରେଶ ପଟ୍ଟନାୟକଙ୍କ ମାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗତ ଶିକ୍ଷାବର୍ଷରେ ଅନୁଷ୍ଠାନର ମାଟ୍ରିକ ଟପ୍ପର ସୁଶୋଭନ ପାତ୍ରଙ୍କୁ ଭାରତୀ ସାହୁ ସ୍ମୃତି ସମ୍ମାନ ସହ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଶିଶୁ ମନ୍ଦିରର ଦୁଇ ଜଣ ପୂର୍ବଛାତ୍ର ଗୁପ୍ତେଶ୍ୱର ମହାପାତ୍ର ଓ ଦେବବ୍ରତ ଗୌଡ଼ଙ୍କୁ ଓଏଏସ୍ ଏବଂ ଓଆର୍ଏସ୍ ପରୀକ୍ଷାରେ ଟପ୍ପର ହୋଇଥିବା ଯୋଗୁଁ ସମ୍ମାନିତ କରାଯାଇଥିଲା। ସଭାକାର୍ଯ୍ୟ ପରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଆକର୍ଷଣୀୟ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । କାରଗିଲ୍ ଯୁଦ୍ଧର ୨୫ବର୍ଷ ପୂର୍ତ୍ତି ଉପଲକ୍ଷେ ଭାବସ୍ପର୍ଶୀ କ୍ଷୁଦ୍ରନାଟିକା "ବଳିଦାନ" ମଞ୍ଚସ୍ଥ ହୋଇଥିଲା।

## ଶ୍ରୀଅନ୍ନ ପ୍ରକଳ୍ପର ଆଲୋଚନାଚକ୍ର

ଜି.ଉଦୟଗିରି,୧୩।୧(ସମିସ): ଶ୍ରୀଅନ୍ନ ଅଭିଯାନ ପ୍ରକଳ୍ପ ଅନ୍ତର୍ଗତ ସ୍ୱେଚ୍ଛାସେବୀ ସଂଗଠନ ସ୍ୱାତୀ ଦ୍ୱାରା ଆୟୋଜନ କରାଯାଇଥିବା ବାର୍ଷିକ କାର୍ଯ୍ୟକ୍ରମର ମୂଲ୍ୟାଙ୍କନ ଏବଂ ସରକାରୀ କର୍ମକର୍ତ୍ତା, ପଞ୍ଚାୟତିରାଜ କର୍ମକର୍ତ୍ତା ଏବଂ ସ୍ୱାତୀର କର୍ମକର୍ତ୍ତା ମାନଙ୍କୁ ନେଇ ଜି. ଉଦୟଗିରି ନିକଟସ୍ଥ ଶିରିକିରେ ଆଲୋଚନାଚକ୍ର ହୋଇଥିଲା। ଶ୍ରୀ ଅନ୍ନ ଅଭିଯାନ ପ୍ରକଳ୍ପ ସଂଯୋଜକ ସ୍ୱଧର୍ମ ରାଉତ କାର୍ଯ୍ୟକ୍ରମ ର ଲକ୍ଷ୍ୟ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ସନ୍ତୋଷ କୁମାର ଦଳବେହେରା ଟିକାବାଲି ରେ ଆଗାମୀ ବର୍ଷ ପାଇଁ କିପରି ଶ୍ରୀ ଅନ୍ନ ଅଭିଯାନ କାର୍ଯ୍ୟକ୍ରମରେ ଚାଷୀ ସଖ୍ୟା ବୃଦ୍ଧି ହେବ ଏବଂ ଚାଷ ଅଞ୍ଚଳ ବଢିବ ସେ ବିଷୟରେ ଆଲୋଚନା



କରିଥିଲେ। ପଡାଙ୍ଗି, କଇଁଝର ଏବଂ ପିକରଡି ସରପଞ୍ଚ ପଞ୍ଚାୟତ ସ୍ତରରେ କିଭଳି ଭାବେ ମାଣ୍ଡିଆ, କୁଆରୀ ଚାଷ ବଢ଼ିପରିବ ଏବଂ ସମସ୍ତେ ମାଣ୍ଡିଆ ଜାତୀୟ ଖାଦ୍ୟ ଖାଇ ପାରିବେ ସ୍ୱୟଂ ସହାୟତା ସଂଘ ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତି କରାଯାଇପାରିବ ସେ ବିଷୟରେ ବକ୍ତବ୍ୟ ରଖିଥିଲେ। ଉକ୍ତ ଜୀବନ ଜୀବିକା କାର୍ଯ୍ୟକ୍ରମକୁ କିଭଳି ଭାବରେ ଅଧିକରୁ ଅଧିକ ମହିଳା ଚାଷୀଙ୍କୁ ସାମିଲ କରାଯାଇପାରିବ ସେ ବିଷୟରେ ସମୀର ପାଢ଼ୀ କହିଥିଲେ। ଇଞ୍ଜିନିୟର ହରିଶଙ୍କର ରାଉତ କାର୍ଯ୍ୟାକ୍ରମକୁ ଆଗେଇ ନେବା ପାଇଁ କହିଥିଲେ।

## ପ୍ରାଣୀ ବିଜ୍ଞାନ ବିଭାଗର ପାଠଚକ୍ର

ଟିକାବାଲି,୧୩।୧(ସମିସ): କନ୍ଧମାଳ ଜିଲ୍ଲା ଟିକାବାଲି ଏଏମସିଏସ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଦୀନବନ୍ଧୁ ମହାନ୍ତିଙ୍କ ସଭାପତିତ୍ୱରେ ପ୍ରାଣୀବିଜ୍ଞାନ ବିଭାଗର ପାଠଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଓ ଆଲୋଚକ ଭାବେ ପ୍ରାଧ୍ୟାପକ ଡ.ଅଶୋକ କୁମାର ଷଡଙ୍ଗୀ ସନ୍ଦର୍ଭର ଶୀର୍ଷକ ସ୍ତନ କର୍କଟକୁ ନେଇ ବିଶଦ ଭାବେ ଆଲୋଚନା କରିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପକ ବୀରୁପାକ୍ଷ ମିଶ୍ର କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ବିଷ୍ଣୁ ପ୍ରସାଦ ରଥ, ବନମାଳୀ ବେହେରା, ରବି ନାରାୟଣ ପାଣିଗ୍ରାହୀ, ମନୋଜ ଭୋଇ ଯୋଗ ଦେଇଥିଲେ । ସନ୍ଦର୍ଭ ପାଠ ଛାତ୍ରୀ ଶୁଭସ୍ମିତା ସାହୁ ଓ ସୁପ୍ରିୟା ନାୟକ କରିଥିଲେ। ସୁମିତ୍ କୁମାର ସାହୁ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଛାତ୍ରଛାତ୍ରୀଙ୍କ ପ୍ରାଚୀରପତ୍ର ଲେଖା ଉନ୍ମୋଚିତ ହୋଇଥିଲା। ଅଧ୍ୟାପିକା ଶିବାନୀ ପ୍ରିୟା ସୁଆର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ତୁଷାର କାନ୍ତ ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ



ଜି.ଉଦୟଗିରି,୧୩।୧(ସମିସ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରିସ୍ଥିତ ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୨୪ ତମ ଓ ଗୁରୁକୂଳ ଇଣ୍ଟରନ୍ୟାସନାଲ ପବ୍ଲିକ ସ୍କୁଲର ଚତୁର୍ଥ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷା ଦେବସ୍ମିତା ଶତପଥୀ, ଉଦଘାଟକ ଭାବେ ପୂର୍ବତନ ବିଧାୟକ ସୀମାଞ୍ଚଳ ବେହେରା, ମୁଖ୍ୟବକ୍ତା ଭାବେ ଗୁରୁକୂଳ ଇଣ୍ଟର ନ୍ୟାସନାଲ ପବ୍ଲିକ ସ୍କୁଲ ବ୍ରହ୍ମପୁରର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ଜି.ଉଦୟଗିରି ବ୍ଲକ ଶିକ୍ଷା ଅଧିକାରୀ ମିହିର କୁମାର ପ୍ରଧାନ, ପତିତ ପାବନ ସାହୁ, ମାଧବ ଆପଟ ଓ ଦିଲୀପ କୁମାର ଖାଡ଼ଙ୍ଗା ଯୋଗ ଦେଇଥିଲେ। ସମ୍ପାଦକ ଅରୁଣ କୁମାର ଷଡଙ୍ଗୀ ସଭାପତିତ୍ୱ କରିଥିବା ବେଳେ ସ୍ୱାଗତିକା ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଗୁରୁଜୀ ସ୍ମୃତି ରଞ୍ଜନ ବେହେରା ବାର୍ଷିକ ବିବରଣୀ ପଠନ କରିଥିଲେ। ଏହି ଅବସରରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ଚାମ୍ପିଆନ ଭାବେ ଆରାଧ୍ୟ କହଁର, ସାଲିଭିନ ନାୟକ ଓ ସମ୍ବିତ ମହାପାତ୍ରଙ୍କୁ ସିଲ ପ୍ରଦାନ କରାଯାଇଥିଲା। ମିନି ମାରାଥନ କରି ସହର ପରିକ୍ରମା କରିଥିଲେ ଛାତ୍ରଛାତ୍ରୀ।ଏହାକୁ ବିଜ୍ଞାପିତ ଅଞ୍ଚଳ ପରିଷଦର ଉପାଧ୍ୟକ୍ଷ ସନ୍ତୋଷ କୁମାର ବାଘ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

### ଅଢ଼େଇ କିମି ରାସ୍ତା ପାଇଁ ଦୀର୍ଘବର୍ଷର ସଂଘର୍ଷ

# ରାସ୍ତା ନିର୍ମାଣ କଲେ ଗଦିଙ୍ଗିଆ ଗ୍ରାମବାସୀ

ଜି.ଉଦୟଗିରି,୧୩।୧(ସମିସ)

ଅଢେଇ କିଲୋମିଟର ରାସ୍ତା ପାଇଁ ନାକେଦମ୍ ହେଲେଣେ ପୁରା ଗ୍ରାମବାସୀ। ୧୦ ବର୍ଷ ହେବ ଭଲ ରାସ୍ତା ପାଇଁ ସଂଘର୍ଷ କରିଆସୁଥିବା ବେଳେ ବିଭିନ୍ନ କାର୍ଯ୍ୟାଳୟକୁ ଧାଇଁ ଧାଇଁ ନୟାନ୍ତ ହେଲଣି। ଏଥି ପାଇଁ ଭୋଟ ବର୍ଜନ ଧମକ ଦେବା ସହିତ ଭୋଟ ବର୍ଜନ ମଧ୍ୟ କରିଛନ୍ତି। ତଥାପି ସରକାର ଙ୍କ କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗିଲାନି। ହେବ ହେବ ବୋଲି ମିଛ ପ୍ରତିଶ୍ରୁତି ଦେଇ ଶେଷରେ ଭଣ୍ଡେଇଦେଲେ। ସବୁ ଆଶା ଛାଡି ଗ୍ରାମବାସୀଙ୍କ ନିଜେ ପରିଶ୍ରମ କରି ରାସ୍ତା ନିର୍ମାଣ କରିଛନ୍ତି। ଏମିତି ଘଟଣା ଘଟିଛି କନ୍ଧମାଳ ଜିଲ୍ଲା ଜି. ଉଦୟଗିରି ବ୍ଲକ କଳିଙ୍ଗା ପଞ୍ଚାୟତ ଗଦିଙ୍ଗିଆ ଗ୍ରାମରେ। କଳିଂଗା ମୁଖ୍ୟ ରାସ୍ତା ଠାରୁ ଅଢେଇ କିଲୋମିଟର ରାସ୍ତା ପାଇଁ ଗ୍ରାମବାସୀ ନାନା ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ପଞ୍ଚାୟତରୁ ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଧାଇଁ ନିରାଶ ହୋଇ ଶେଷରେ ସେମାନଙ୍କ ପାଇଁ କେହି ନାହାଁନ୍ତି ଭାବି ନିଜେ ରାସ୍ତା ନିର୍ମାଣ କରି ପ୍ରଶାସନକୁ ଦେଖାଇଛନ୍ତି। ଯାହା ସରକାରଙ୍କ ଚରମ ଅବହେଳାର ଏକ ଉଚିତ ଜବାବ ହୋଇଛି। ଗ୍ରାମର ଯୁବ ସମାଜ ଏକାଠି ହୋଇ ରାସ୍ତା ସଫା କରିରା ସହିତ ନିଜସ୍ୱ ପାଣ୍ଠିରେ ନିଜେ ରାସ୍ତାରେ କଂକ୍ରିଟ ପକାଇଛି। ଗ୍ରାମ ସଭାପତି ବାବୁଲା ପ୍ରଧାନ, ଉତ୍ସବ ପ୍ରଧାନ, ମିଟୁ ପ୍ରଧାନ, ଦେବରାଜ ପ୍ରଧାନ, ବିକାଶ ମଲ୍ଲିକ, ସନ୍ତୋଷ ମଲ୍ଲିକ, ସୁବାସ ଦିଗାଲ, ଜଗଦୀଶ ପ୍ରଧାନ, ଶ୍ରୀହରି ପ୍ରଧାନ ଓ ସୁବ୍ରତ ଦିଗାଲଙ୍କ ତତ୍ତ୍ୱାବଧାନରେ ହୋଇଛି ରାସ୍ତା ନିର୍ମାଣ।



## କଳିଙ୍ଗା ଘାଟିରେ ଓଲଟିଲା ଟ୍ରକ୍

**ଭଞ୍ଜନଗର, ୧୩।୧(ସମିସ):** ଗଞ୍ଜାମ - କନ୍ଧମାଳ ସୀମାନ୍ତ କଳିଙ୍ଗା ଘାଟିରେ ରବିବାର ରାତିରେ ଏକ ମାଲବାହୀ ଟ୍ରକ ଓଲଟି ପଡଛି । ଟ୍ରକ୍ଟି ରାୟଗଡ଼ାରୁ ତେଜରାତି ସାମଗ୍ରୀ ନେଇ ବ୍ରହ୍ମପୁର ଅଭିମୁଖେ ଆସୁଥିଲା । ରବିବାର ରାତିରେ କଳିଙ୍ଗା ଘାଟି ଖସିବା ବେଳେ ଟ୍ରକ୍ଟି କିଛି ବାଟ ପରେ ଭାରସାମ୍ୟ ହରାଇ ରାସ୍ତା କଡକୁ ଓଲଟି ପଡ଼ିଥିଲା । ଏଥିରେ କାହାର କିଛି କ୍ଷୟକ୍ଷତି ହୋଇନଥିବା ବେଳେ ଚାଳକ ଅଳ୍ପକେ ବଡ଼ ଦୁର୍ଘଟଣାରୁ ବର୍ତ୍ତି ଯାଇଥିବା ଜଣାପଡ଼ିଛି । ଖବର ପାଇ ଭଞ୍ଜନଗର ପୁଲିସ ତଦନ୍ତ ଆରମ୍ଭ କରିଛି ।

## ଘର ପୋଡ଼ି ଭସ୍ମିଭୂତ

**କବିସୂର୍ଯ୍ୟନଗର, ୧୩।୧(ସମିସ):** କବିସୂର୍ଯ୍ୟନଗର ୱାର୍ଡ ନଂ ୧୮ ସରସ୍ୱତୀ ଶିଶୁମନ୍ଦିର ନିକଟ ସୁଷମା ପ୍ରଧାନଙ୍କ ଏକ ଚାଳ ଛପର ଘର ପୋଡି ଯାଇଛି । ଖବର ପାଇବା ପରେ ଅଗ୍ନିଶମ ବାହିନୀ ଆସିବା ପୂର୍ବରୁ ସବୁ ପୋଡି ପାଉଁଶ ହୋଇଯାଇଥିଲା । ତେବେ ନିଆଁକୁ ବ୍ୟାପିବାରୁ ଅଗ୍ନିଶମ ଆୟତ୍ତ କରିଥିଲେ । ଘରେ ଥିବା ଟିଭି, ଫ୍ରିଜ, ବାସନକୁଶନ, ଲୁଗାପଟା ସବୁ ପୋଡି ଯାଇଥିଲା । ଯାହା ଫଳରେ ସୁଷମା ସମ୍ପୂର୍ଣ୍ଣ ଅସହାୟ ହୋଇପଡ଼ିଛି ।

## ସଡ଼କ ଦୁର୍ଘଟଣାରେ ତିନି ଆହତ

**ଛତ୍ରପୁର, ୧୩।୧(ସମିସ):** ଛତ୍ରପୁର ଥାନା ଅଧିନ ଜାତୀୟ ରାଜପଥ ଜିଏନପାଲ୍ଲାମ୍ମା ଛକରେ ଦୁଇ ବାଇକ ଧକ୍କା ହେବା ଫଳରେ ତିନିଜଣ ଆହତ ହୋଇଛନ୍ତି । ଆହତଙ୍କୁ ଅଗ୍ନିଶମ କର୍ମଚାରୀ ଉଦ୍ଧାର କରି ଛତ୍ରପୁର ମେଡିକାଲରେ ଭର୍ତ୍ତି କରିଥିଲେ । ଆହତମାନେ ହେଲେ ଛତ୍ରପୁରର ଆର.କିଶୋର ଚନ୍ଦ୍ର ପ୍ରଧାନ(୫୧), ଗୋଳନ୍ଥରା ସୋନପୁର ଅଞ୍ଚଳର ଏମ୍.ଦିଲ୍ଲିପ କୁମାର(୨୧) ଓ ଭୈରବି ପାଲୁର ଅଞ୍ଚଳର ଡି.ବାଲରାଜ(୨୦) । ଏମ୍.ଦିଲ୍ଲିପ କୁମାର ଓ ଡି.ବାଲରାଜ ଗୋଟିଏ ବାଇକ ଯୋଗେ ରମ୍ଭା ଅଭିମୁଖେ ଯାଉଥିବା ବେଳେ ଆର.କିଶୋର ଚନ୍ଦ୍ର ପ୍ରଧାନ ମଧ୍ୟ ଅନ୍ୟ ଏକ ବାଇକରେ ଜିଏନପାଲ୍ଲାମ୍ମା ଛକ ଜାତୀୟ ରାଜପଥ ପାର ହେଉଥିବା ବେଳେ ଉଭୟଙ୍କ ମଧ୍ୟରେ ଏ ଧକ୍କା ହୋଇଥିଲା । ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ।

## ଜୁଆଆଡ୍ଡାରେ ଚଢ଼ଉ; ୨ ଗିରଫ



**ପାତ୍ରପୁର, ୧୩।୧(ସମିସ):** ଜରଡ଼ା ଥାନା ଅନ୍ତର୍ଗତ ଆମ୍ବଗାଁ ଅଞ୍ଚଳରେ ଗତ କିଛି ଦିନ ହେବ ଏକ ବଡ଼ ଧରଣର ଜୁଆ ଆଡ୍ଡା ଚାଲିଥିବା ବେଳେ ରବିବାର ସନ୍ଧ୍ୟାରେ ଜରଡ଼ା ଥାନା ପୁଲିସ ପକ୍ଷରୁ ଚଢ଼ଉ କରି ୨ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଥିବା ବେଳେ ବହୁ ଜୁଆଡି ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ । ଗିରଫ ଦୁହେଁ ପଡୋଶୀ ଆନ୍ଧ୍ରର ସୁରେଶ ଓ ନାରାୟଣ । ଚଢ଼ଉ ସମୟରେ ପୁଲିସ ନଗଦ ୪୧ ହଜାର ଟଙ୍କା, ୧୦ଟି ବାଇକ୍ ଓ ୩ମୋବାଇଲ୍ ଜବତ କରିଛି । ସ୍ଥାନୀୟ ଅଞ୍ଚଳରେ କିଛି ଅସାମାଜିକ ଲୋକ ଜୁଆ ଆଡ୍ଡା ଚଳାଉଥିବା ନେଇ ବାରମ୍ବାର ବିଭିନ୍ନ ଖବର କାଗଜରେ ପ୍ରକାଶ ପାଇବା ପରେ ଜୁଆ ଆଡ୍ଡା ଉପରେ ଚଢ଼ାଉ ପାଇଁ ସାଧାରଣରେ ଅଭିଯୋଗ ହୋଇଥିଲା । ପୁଲିସ ପକ୍ଷରୁ ରବିବାର ଏହି କରାଯାଇଥିବା ବେଳେ ଜୁଆ ଆଡ୍ଡାର ମୁଖ୍ୟ ପୁଲିସ ହାତରୁ ଖସିବାରେ ସଫଳ ହୋଇଛି । ସୂଚନାଯୋଗ୍ୟ ଆମ୍ବଗାଁ, ଅନ୍ତରସିଙ୍ଗି, ବୋରିବାଡ, ବରଙ୍ଗ ଅଞ୍ଚଳର ବିଭିନ୍ନ ସ୍ଥାନରେ ଜୁଆଡି ଜାଗା ପରିବର୍ତ୍ତନ କରି ଖେଳ ପକାଇବାର ଅନେକ ନଜିର ରହିଛି ।

## ଆତ୍ମସୁରକ୍ଷା ତାଲିମ ଶିବିର

**ବାଲିଗୁଡ଼ା/କୋଟଗଡ଼, ୧୩।୧(ସମିସ):** କନ୍ଧମାଳ ଜିଲ୍ଲା କୋଟଗଡ଼ ବ୍ଲକ ବାପୁଜୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଠ ଦିନିଆ ଆତ୍ମ ସୁରକ୍ଷା ତାଲିମ ଶିବିର କଲେଜର ଅଧ୍ୟକ୍ଷ ନେତ୍ରଭାନୁ ପାଇକଙ୍କ ସଭାପତିତ୍ୱରେ ଉଦଘାଟନ ହୋଇଯାଇଛି । ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏସ୍ଆଇ ସ୍ମୃତି ସାଗର ସାମଲ ଯୋଗଦାନ କରି ଛାତ୍ରୀଙ୍କୁ ଆନ ସୁରକ୍ଷା ନିମନ୍ତେ ସଚେତନ କରିଥିଲେ । ଶିବିର ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲୁରହିବ । ଏହି ତାଲିମ କାର୍ଯ୍ୟକ୍ରମର ସଂଯୋଜକ ଆନନ୍ଦ ବଡସେଟ ତାଲିମ ନେବାକୁ ଥିବା ଏକାଦଶ ଶ୍ରେଣୀର ୧୫୦ ଜଣ ଛାତ୍ରୀଙ୍କୁ ଆତ୍ମ ସୁରକ୍ଷାର ବିଭିନ୍ନ କୌଶଳ ଶିକ୍ଷା ଲାଭ କରି କିଭଳି ନିଜକୁ ନିଜେ ଝାନସିରାଣୀ ପରି ସମାଜରେ ପ୍ରତିଷ୍ଠା କରିପାରିବେ ସେହି ଉପରେ କହିଥିଲେ । ଏହି କାର୍ଯ୍ୟକ୍ରମରେ ମାଷ୍ଟର ଟ୍ରେନର ଭାବେ ଅନମି ବଳିୟାରସିଂ, ବନ୍ଦନା ବାଗା ନାୟକ, ଅଧ୍ୟାପକ ଦେବେନ୍ଦ୍ର ପଧାନ, ପ୍ରକାଶ କୁମାର ପାଣିଗ୍ରାହୀୟ, ଘନେଶ୍ୱର ଶୁଙ୍ଖାରି ଓ ଶୈଳବାଳା ନାୟକଙ୍କ ସହ କଲେଜର ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ । ଶେଷରେ ରାଜନୀତି ଅଧ୍ୟାପକ ଦେବେନ୍ଦ୍ର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ଜୟନ୍ତୀ

**ଛତ୍ରପୁର, ୧୩।୧(ସମିସ):** ଆଧୁନିକ ଓଡ଼ିଶାର ନିର୍ମାତା ତଥା ଓଡ଼ିଶାର ବରପୁତ୍ର ରାଜା ବାହାଦୂର ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ୧୨୫ ତମ ଜନ୍ମ ଜୟନ୍ତୀ ଛତ୍ରପୁର ଠାରେ ପାଳନ କରାଯାଇଛି । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ସମସ୍ତଙ୍କୁ ସ୍ୱାଗତ କରିବା ସହ ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ଉପରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ସ୍ମୃତିଚାରଣ କରିଥିଲେ । ଛତ୍ରପୁରର ଆଇନଜୀବୀ ବ୍ରଜ ମୋହନ ଆଚାର୍ଯ୍ୟ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟତମ ଅତିଥି ଭାବେ କ୍ୟୁରେସ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଭାପତି ଅରୁଣ କୁମାର ଶତପଥୀ ଯୋଗଦେଇଥିଲେ । ପରିଶେଷରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ ହୋଇଥିବା ଓଡିଆ ବକ୍ତୃତା ଓ ଓଡିଆ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

## ପୋଙ୍ଗଲ, ମକରସଂକ୍ରାନ୍ତି

# ଚାଷୀଙ୍କ ହାତ ଖାଲି; ଫିକାପଡ଼ିଲା ପର୍ବ

**ପାରଳାଖେମୁଣ୍ଡି, ୧୩।୧(ସମିସ)**

ମକର ସଂକ୍ରାନ୍ତି ତଥା ଦକ୍ଷିଣ ଓଡ଼ିଶାର ଏକ ସ୍ୱତନ୍ତ୍ର ପର୍ବ ପୋଙ୍ଗଲ ଉପଲକ୍ଷେ ଚଳଚଞ୍ଚଳ ହୋଇ ଉଠିଛି ଗଜପତି ଜିଲ୍ଲା ପୁରପଲ୍ଲୀ । ମକର ସଂକ୍ରାନ୍ତି ତଥା ପୋଙ୍ଗଲ ପୂର୍ବରୁ ଭୋଗୀ ପାଳିତ ହୋଇଛି । ତେଲୁଗୁ ସମ୍ପ୍ରଦାୟର ପ୍ରଥା ଅନୁଯାଇ ମକର ସଂକ୍ରନ୍ତି ବା ପୋଙ୍ଗଉ ଉତ୍ସବ ପାଳନର ପ୍ରଥମ ପର୍ବ ହେଉଛି ଭୋଗୀ ପାଳନ । ଏଥି ଅନୁଯାଇ ରବିବାର ମଧ୍ୟରାତ୍ରରେ ପାରଳା ସହରର ବିଭିନ୍ନ ସ୍ଥାନରେ ଶୁଖିଲା କାଠ ଗଣ୍ଡିକୁ ଏକତ୍ର କରି ଅଗ୍ନି ସଂଯୋଗ କରି ଭୋଗୀ ପର୍ବକୁ ପାଳନ କରାଯାଇଥିଲା । ସୋମବାର ଏଥି ଉପଲକ୍ଷେ ଘରେ ଘରେ ଏଣ୍ଡୁରି ପିଠା କରି ଖାଇବା ସହ ଅନ୍ୟ ପରିବାରକୁ ବଣ୍ଟନ କରିଥିଲେ ।



ପାରଳା ସହରରେ ତେଲୁଗୁ ଓ ଓଡ଼ିଆ ସମ୍ପ୍ରଦାୟର ଲୋକେ ଭାଇଚାରା ଅନୁଯାଇ ଉଭୟେ ଏହି ଭୋଗୀ ପର୍ବକୁ ପାଳନ କରିଛନ୍ତି । ସେହିପରି ମକର ସଂକ୍ରନ୍ତି ତଥା ପୋଙ୍ଗଲ ପାଳନ ଅବସରରେ ବିଭିନ୍ନ ସାମଗ୍ରୀର ଆବଶ୍ୟକତା ଯୋଗୁଁ ଆଜି ପାରଳାଖେମୁଣ୍ଡି ମୁଖ୍ୟ ବଜାର ଚଳଚଞ୍ଚଳ ହୋଇ ଉଠିଛି । ଗଜପତି ଜିଲ୍ଲା ମହକୁମାର ପାରଳାଖେମୁଣ୍ଡି ମୁଖ୍ୟ ବଜାର ସମଗ୍ର ଜିଲ୍ଲା ସମେତ ପଡୋଶୀ ଆନ୍ଧ୍ରର ଶ୍ରୀକାକୁଲମ୍ ଜିଲ୍ଲାର ଶତାଧିକ ଗ୍ରାମାଞ୍ଚଳର ଲୋକଙ୍କ ପାଇଁ ପାରଳାଖେମୁଣ୍ଡି ସହର ହେଉଛି ମୁଖ୍ୟ ବଜାର । ପୋଙ୍ଗଲ ପର୍ବ ତେଲୁଗୁ ସମ୍ପ୍ରଦାୟର ଲୋକଙ୍କ ମୁଖ୍ୟ ପର୍ବ ହୋଇଥିବାରୁ ନୂତନ ବସ୍ତ୍ର, ମିଷ୍ଟାନ୍ନ, ପର୍ବ ପାଳନ ପାଇଁ ବିଭିନ୍ନ ରୋଷେଇ ସାମଗ୍ରୀ, ଫଳ ଓ ପନିପରିବା ଆଦି କ୍ରୟ କରିଥିଲେ । ସେପଟେ ଗଜପତି ଜିଲ୍ଲାରେ ଡିସେମ୍ବରରେ ଅଦିନିଆ ବର୍ଷା ଯୋଗୁଁ ଚାଷୀଙ୍କ ବ୍ୟାପକ ଧାନ ଅମଳ ନଷ୍ଟ ହୋଇଛି । ଆନୁଷ୍ଠାନିକ ଭାବେ ଜିଲ୍ଲାସ୍ତରୀୟ ଧାନମଣ୍ଡି ଖୋଲି ଦିଆଯାଇଛି । ହେଲେ ଧାନ କ୍ରୟ କରାଯାଉନାହିଁ । ତେଣୁ ଚାଷୀଙ୍କରେ ଅର୍ଥ ନ ଥିବାରୁ ସେମାନଙ୍କ ପାଇଁ ପୋଙ୍ଗଲ ବା ମକର ସଂକ୍ରାନ୍ତି ଫିକା ପଡ଼ିଛି ।

● ଚାଷୀଙ୍କୁ କ୍ଷତିପୂରଣ ଦାବି

## କୃଷକ ସଙ୍ଗଠନ ପକ୍ଷରୁ ବିକ୍ଷୋଭ

**ସାନଖେମୁଣ୍ଡି, ୧୩।୧(ସମିସ):** ଅଦିନିଆ ଲଘୁଚାପ ବର୍ଷାରେ ଚାଷୀ ଓ ଭାଗଚାଷୀ ମାନଙ୍କ ଖରିଫ୍ ଧାନ ଫସଲ ଉଜୁଡି ଯାଇଛି । ଏଥିସହ ଉଦ୍ୟାନ କୃଷି ତଥା ପନିପରିବା ଚାଷ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି । ଚାଷୀକୁଳ ଫସଲକ୍ଷତି ଜନିତ ଆର୍ଥିକ ସଙ୍କଟରେ ଥିଲା ବେଳେ ରାଜସ୍ୱ ବିଭାଗ ଓ ରାଜ୍ୟ ସରକାର ପ୍ରକୃତ କ୍ଷତିଗ୍ରସ୍ତ ଚାଷି ଓ ଭାଗଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ଦିଗରେ ପ୍ରତିବନ୍ଧକ ସାଜିଛନ୍ତି । ସୋମବାର ସାନଖେମୁଣ୍ଡିରେ ଏହାର ତୀବ୍ର ପ୍ରତିବାଦ ସହ ଚାଷୀ ଓ ଭାଗଚାଷୀ ମାନେ ରାଜରାସ୍ତାକୁ ଓହ୍ଲାଇବା ସହ ତହସିଲ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଅଖିଳ ଭାରତ କ୍ଷେତ ମଜଦୂର କିଷାନ ସଭା ସହବନ୍ଧିତ ସାନଖେମୁଣ୍ଡି ଆଞ୍ଚଳିକ କୃଷକ ସଙ୍ଗଠନ ପକ୍ଷରୁ ଲଗାଣ ବର୍ଷା କ୍ଷତିଗ୍ରସ୍ତ ଚାଷୀ ଓ ଭାଗଚାଷୀଙ୍କୁ କ୍ଷତିପୂରଣ ସମେତ ସାନଖେମୁଣ୍ଡି ତହସିଲର କଙ୍କୋରଡା ପାଟପୁର ଗ୍ରାମର ସେଟେଲମେଣ୍ଟ ପ୍ରକ୍ରିୟା ନିଷ୍କ୍ରିୟ ହେବା ଓ ବ୍ୟାପକ ଅର୍ଥ କାରବାର ଅଭିଯୋଗ କରାଯାଉଛି । ଚାଷୀଙ୍କ ସମସ୍ତ ଧାନ କ୍ରୟ କରିବା ସହ ବୀମା ପ୍ରଦାନ କରିବା ଏବଂ ରଷିକୂଲ୍ୟା ନଦୀର ପାଣିକୁ ଟାଟାକୁ ଦେବାର ପ୍ରତିବାଦ କରାଯାଇଥିଲା । ଆଞ୍ଚଳିକ କୃଷକ ସଙ୍ଗଠନ ଆବାହକ ଉମାକାନ୍ତ ପଟ୍ଟନାୟକଙ୍କ ନେତୃତ୍ୱରେ ସହସ୍ରାଧିକ ଚାଷୀ ଓ ଭାଗଚାଷୀ ପାଟପୁର ଗାନ୍ଧିଛକ ଠାରୁ ଶୋଭାଯାତ୍ରାରେ ତହସିଲ ଅଫିସ୍ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଶିକ୍ଷାବିତ୍ ତଥା ସମାଜସେବୀ




ତ୍ରିନାଥ ମହାନ୍ତି ମାନବାଧିକାର ସୁରକ୍ଷା ମଞ୍ଚ ଆବାହକ ଅବନୀ ଗୟା, ଏଆଇକେଏମକେଏସ ଆବାହକ ନିରାକାର ନାୟକ, କୃଷକ ନେତା ରବୀନ୍ଦ୍ର ଦଳେଇ, ଅରୁଣ ପାତ୍ର, ଓକିଲ ପରିଡ଼ା, କାର୍ତ୍ତିକ ଦାସ ସମେତ ସଙ୍ଗଠନ କର୍ମକର୍ତ୍ତା ମାନେ ଯୋଗ ଦେବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ ।

## ପ୍ରେସ୍ କ୍ଲବ୍ ରାଇକିଆର ବାର୍ଷିକ ଅଧିବେଶନ

**ରାଇକିଆ, ୧୩।୧(ସମିସ):** ସାମ୍ବାଦିକ ଖବର ପରିବେଷଣ ମାଧ୍ୟମରେ ସାଧାରଣ ଲୋକଙ୍କ ସମସ୍ୟାର ସମାଧାନ ପାଇଁ ଦାବି ଉପସ୍ଥାପନା କରିବା ସହ ସରକାରଙ୍କ ତ୍ରୁଟିକୁ ଲୋକଲୋଚନକୁ ଆଣିଥାନ୍ତି । ଏହା ଦ୍ୱାରା ସରକାର ସମସ୍ୟାର ସମାଧାନ ଦିଗରେ ତ୍ୱରିତ ପଦକ୍ଷେପ ନେଇଥାନ୍ତି । ତେଣୁ ଖବର ମାଧ୍ୟମରେ ଗଠନ ମୂଳକ ସମାଲୋଚନାକୁ ଗ୍ରହଣ କରାଯିବ ଆବଶ୍ୟକ ବୋଲି ପ୍ରେସ କ୍ଲବ୍ ରାଇକିଆ ତରଫରୁ ଅନୁଷ୍ଠିତ ବାର୍ଷିକ ସଧାରଣ ଅଧିବେଶନ ଓ ବନ୍ଧୁମିଳନ କାର୍ଯ୍ୟକ୍ରମରେ ବୁଦ୍ଧିଜୀବୀ ମତ ପ୍ରକାଶ କରିଥିଲେ । ସଭାପତି ପ୍ରଦିପ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭ୍ୟ ସତ୍ୟବାନ୍ ପାତ୍ର, ବ୍ଲକ ଅଧକ୍ଷ ପ୍ରୀତମ ପ୍ରଧାନ, ସାଂସଦ ପ୍ରତିନିଧି ସଂତୋଷ ଲେଙ୍କା, ବେରେଡ଼ାକିଆ ସରପଞ୍ଚ ଅକ୍ଷୟ ପ୍ରଧାନ, ବଣିକ ସଂଘ ସଭାପତି ପଦ୍ମ ଚରଣ ପଣ୍ଡା, ନାଗରିକ ମଞ୍ଚ ସମ୍ପାଦକ ମନେଶ୍ୱର୍ ଦିଗାଲ, ସମାଜସେବୀ ନଳିନୀ ନାୟକ, ରାଜମୋହନ ଦିଗାଲ, ରାଜେନ୍ଦ୍ର ପାଳ ପ୍ରମୁଖ ଉପସ୍ଥିତ ରହି ନୂତନ ବର୍ଷର ଶୁଭେଚ୍ଛା ଜଣାଇବା ସହ ସ୍ଥାନୀୟ ଅଞ୍ଚଳର ବିକାଶରେ ସାମ୍ବାଦିକ ମାନଙ୍କ ସହଭାଗିତା ସମ୍ପର୍କରେ ମତ ରଖିଥିଲେ । ଏହି ଅବସର ରେ ରାଇକିଆ ଅଞ୍ଚଳରେ ଉଲ୍ଲେଖନୀୟ ସେବା ପାଇଁ ଆଇନଜୀବୀ ସୁଶାନ୍ତ କୁମାର ଜେନା, ଦୁର୍ଯୋଧନ ଲେଙ୍କା ଏବଂ ସୁକାନ୍ତ ନାୟକଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା । କାର୍ଯ୍ୟକ୍ରମକୁ ଉପସଭାପତି ମସେସ ଦିଗାଲ ସଂଯୋଜନା କରିଥିବା ବେଳେ ସମ୍ପାଦକ ଆଦିତ୍ୟ ପ୍ରସାଦ ପାଢ଼ୀ ସମସ୍ତ ପରିଚାଳନା କରିଥିଲେ । ସାମ୍ବାଦିକ ବିରୁପାକ୍ଷ ପାତ୍ର, ରଜତ ନାୟକ, ପ୍ରମୋଦ ବେହେରା ଓ ଜଗଦୀଶ ଦାସ ସହଯୋଗ କରିଥିଲେ ।

## ମୋହନାରେ ଆର୍‌ଏସ୍‌ଏସ୍ ସମ୍ମିଳନୀ

**ମୋହନା, ୧୩।୧(ସମିସ):** ଗଜପତି ଜିଲ୍ଲା ମୋହନାରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ(ଆରଏସଏସ)ର ଖଣ୍ଡ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଅବସରରେ ସ୍ଥାନୀୟ ହାଇସ୍କୁଲ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଆରଏସଏସ ଅଖିଳ ଭାରତୀୟ ସହ ଶାରୀରିକ ପ୍ରମୁଖ ଓକେ ମୋହନ ଯୋଗ ଦେଇ ଥିଲେ । ମୋହନା ବ୍ଲକର ୭୫ ଟି ଗାଁରୁ ୩୪୬ ଜଣ ସ୍ୱୟଂସେବକ ଗଣବେଶ ପରିଧାନ କରି ଘୋଷବାଦ୍ୟ ସହ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରୁ ବାହାରି ନଗର ପରିକ୍ରମା ପରେ ହାଇସ୍କୁଲ ପଡ଼ିଆରେ ପହଞ୍ଚିଥିଲେ । ସେଠାରେ ଖଣ୍ଡ କାର୍ଯ୍ୟବାହ ଯୋଗେନ୍ଦ୍ର ଦଲାଇଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ବୁଦ୍ଧିଜୀବୀ ପ୍ରତାପ ପାତ୍ର, ଜନଜାତି ପ୍ରମୁଖ ରବୀନ୍ଦ୍ର ମଲ୍ଲିକ ଓ ବିଭାଗ କାର୍ଯ୍ୟବାହ ମନୋଜ ଚୌଧୁରୀ ମଞ୍ଚାସୀନ ଥିଲେ । ସ୍ୱୟଂସେବକଙ୍କ ଦ୍ୱାରା ଯୋଗାସନ ଓ ଶାରୀରିକ ପ୍ରଦର୍ଶନ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପ୍ରାନ୍ତ ସହ ଶାରୀରିକ ପ୍ରମୁଖ ଅଶୋକ ରଣଜିତ, ବିଭାଗ ପ୍ରଚାରକ ବିଜୟ ସାମଲ, ବିଭାଗ ବୌଦ୍ଧିକ ପ୍ରମୁଖ ରବୀନ୍ଦ୍ର ପାତ୍ର, ବିଭାଗ ଶାରୀରିକ ପ୍ରମୁଖ ଅମୁଲ୍ୟ ପାତ୍ର, ସହ ଶାରୀରିକ ପ୍ରମୁଖ ନୀଳାଞ୍ଚଳ ପାଢ଼ୀ, ଜିଲ୍ଲା ବୌଦ୍ଧିକ ପ୍ରମୁଖ ବଙ୍ଗାଳି ଜାନି, ଜିଲ୍ଲା ପ୍ରଚାର ପ୍ରମୁଖ ବାବୁଲା ସେଠୀ ଓ ଧର୍ମ ଜାଗରଣ ପ୍ରମୁଖ ପ୍ରଶାନ୍ତ ସୁବୁଦ୍ଧି ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ଖଣ୍ଡ ଶାରୀରିକ ପ୍ରମୁଖ ସମ୍ପଦ ମଲିକ, ବୌଦ୍ଧିକ ପ୍ରମୁଖ ପଞ୍ଚାନନ ପାଇକ ଓ ଖଣ୍ଡ ଟିମ ପରିଚାଳନା କରିଥିଲେ ।

## ଭୋଟ ଅଧିକାର ସଚେତନ କାର୍ଯ୍ୟକ୍ରମ

**ଜଗନ୍ନାଥପ୍ରସାଦ, ୧୩।୧(ସମିସ):** ଗଞ୍ଜାମ ଜଗନ୍ନାଥପ୍ରସାଦ ଆଞ୍ଚଳିକ ଡ଼ିଗ୍ରୀ କଲେଜ ପରିସରରେ ଭୋଟ ଅଧିକାର ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧକ୍ଷ ସନାତନ ସାହୁ ଏଥିରେ ସଭାପତିତ୍ୱ କରିଥିଲେ । ଆଇକ୍ୟୁଏସି ସଂଯୋଜକ ତଥା ଜାତୀୟ ସେବା ଯୋଜନା ଅଧିକାରୀ ଡ଼ଃ ପ୍ରମୋଦ କୁମାର ଚୌଧୁରୀ ଛାତ୍ରଛାତ୍ରୀ ମାନଙ୍କୁ ମତଦାନ ଅଧିକାର ବିଷୟରେ ସଚେତନ କରାଇଥିଲେ । 'ମୁଁ ନିଶ୍ଚେ ମତଦାନ କରିବି' କହି ସମସ୍ତ ଭୋଟରମାନଙ୍କୁ ମତଦାନ କରିବା ପାଇଁ କହିଥିଲେ । କାର୍ଯ୍ୟକ୍ରମରେ ଅଧ୍ୟାପକ ବିରଞ୍ଚି ନାରାୟଣ ପ୍ରଧାନ, ଶ୍ରୀକାନ୍ତ ପାତ୍ର, ଅଧ୍ୟାପିକା ଶ୍ରୀମତୀ ସୁଚରିତା କର ପ୍ରମୁଖ ଯୋଗଦେଇଥିଲେ । ତୃତୀୟ ବର୍ଷର ଛାତ୍ରୀ ସୋନୁ ବେହେରା ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ । ପରେ ପରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଭୋଟର ସଚେତନ ସମ୍ବନ୍ଧିତ ବକ୍ତୃତା, ସାଧାରଣ ଜ୍ଞାନ ଓ ସ୍ଲୋଗାନ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପରିଶେଷରେ ଅଧ୍ୟାପକ ବିଭୂତି ଭୂଷଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ଗ୍ରନ୍ଥାଗାରିକ ରଘୁନାଥ ପାଣି, ଡିଇଓ ସରୋଜ କୁମାର ନାୟକ ସମେତ ସ୍ୱେଚ୍ଛାସେବୀ ଓମ୍ ପ୍ରକାଶ ପ୍ରଧାନ, ଶୋଭନ ସାହୁ, ଲିପୁ ସାହୁ, ରାଜେନ୍ଦ୍ର ନାୟକ, ସାଇରାମ ପ୍ରଧାନ, ଶୁଭଲକ୍ଷ୍ମୀ ପ୍ରଧାନ, ବୈଶାଖୀ ଚୌଧୁରୀ ପ୍ରମୁଖ ସହଯୋଗ କରିଥିଲେ ।

## ସାଧାରଣତନ୍ତ୍ର ଦିବସ ପାଇଁ ପ୍ରସ୍ତୁତି ବୈଠକ

**ବାଲିଗୁଡ଼ା/କ.ନୂଆଗାଁ, ୧୩।୧(ସମିସ):** କନ୍ଧମାଳ ଜିଲା କ.ନୂଆଗାଁ ବ୍ଲକ ସଭାଗୃହରେ ସୋମବାର ଆସନ୍ତା ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । କ.ନୂଆଗାଁ ବ୍ଲକ ଅଧକ୍ଷା ସୁଲୋଚନା ଦଳବେହେରାଙ୍କ ଅଧକ୍ଷତାରେ ବୈଠକ୍ ହୋଇଥିଲା । ଏହି ଅବସରରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଆୟୋଜନ ପାଇଁ ମଧ୍ୟ ସ୍ଥିର କରାଯାଇଥିଲା । ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ସମସ୍ତ କାର୍ଯ୍ୟକ୍ରମ ପାଇଁ ସବ୍ କମିଟି ଗଠନ କରି ଦାୟିତ୍ୱ ବଣ୍ଟନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟା ଅନିତା ମଲିକ, ଉପାଧ୍ୟକ୍ଷ ଧବଳେଶ୍ୱର ପାତ୍ର, ଅନିଲ ପଟ୍ଟନାୟକ, ସି.ପି ରାକେଶ କୁମାର ସାହୁ, ବିଏସ୍ଏସ୍ଓ ପଲ୍ଲବି ନାୟକ ଓ ବିଭିନ୍ନ ବ୍ଲକସ୍ତରୀୟ ପଦାଧିକାରୀ ଏବଂ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷୟିତ୍ରୀ, ଶିକ୍ଷକ ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ ।

## ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ

**ଟିକାବାଲି, ୧୩।୧(ସମିସ):** କନ୍ଧମାଳ ଜିଲ୍ଲା ଟିକାବାଲି ସରକାରୀ ଉଚ୍ଚ ବିଦ୍ୟାଳୟର ୯୨ ମସିହା ମାଟ୍ରିକ୍ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ କଳିଙ୍ଗା ବଟନିକାଲ ଗାର୍ଡେନ ରେ ବନ୍ଧୁମିଳନ ଅନୁଷ୍ଠିତ ହୋଇଥିଲା । ପ୍ରତି ବର୍ଷ ଜାନୁଆରୀ ମାସରେ ପୂର୍ବତନ ଛାତ୍ରଙ୍କ ଦ୍ୱାରା ବନ୍ଧୁମିଳନ ଅନୁଷ୍ଠିତ ହେଉଛି । ଏହି ପୁରାତନ ଛାତ୍ରଛାତ୍ରୀ ଗ୍ରୁପକୁ ଅଧିକ ମଜଭୁତ କରିବା ପାଇଁ ସହମତି କ୍ରମେ ଏକ ୧୭ ଜଣିଆ କମିଟି ଗଠନ କରାଯାଇଥିଲା । ଏଥିରେ ସଭାପତି ବାଳକୃଷ୍ଣ ପାତ୍ର, ସମ୍ପାଦକ ବିକାଶ ଦଣ୍ଡିଆ ଓ କୋଷାଧ୍ୟକ୍ଷ ପିଣ୍ଟୁ ପଣ୍ଡାଙ୍କୁ ନିଯୁକ୍ତ କରାଯାଇଥିଲା । ପ୍ରଦୀପ କୁମାର ଦିଗାଲ, ଉଦ୍ଧବ କହଁର, ଶୁଭେନ୍ଦୁ ଦାସ, ସନ୍ନ୍ୟାସୀ ଜେନା, ସବିତା ପାଣିଗ୍ରାହୀ, ଶକୁନ୍ତଳା ମଲ୍ଲିକ, ନିହାରରଞ୍ଜନ୍ ଦାସ, ସୁଶାନ୍ତ ବାଘ, ସୁଶାନ୍ତ ନାୟକ, ମଧୁମିତା ପାତ୍ର, ପୁଷ୍ପାଞ୍ଜଳି ରଥ, ଶ୍ରୀବତ୍ସ କହଁର, ଗୁଣ୍ଡୁ ମହାପାତ୍ର ଓ ଚମ୍ପା କହଁର ରହିଛନ୍ତି ।

## ପୁରାତନ ଛାତ୍ରଛାତ୍ରୀଙ୍କ ଆଲୋଚନା

**ଟିକାବାଲି, ୧୩।୧(ସମିସ):** କନ୍ଧମାଳ ଜିଲ୍ଲା ଟିକାବାଲି ଠାରୁ ସୁଦୂର ପୁରୀ ସାତପଡ଼ାରେ ଟିକାବାଲି ହାଇସ୍କୁଲର ୧୯୯୮ ମସିହା ମାଟ୍ରିକ ପଢୁଥିବା ବ୍ୟାଚର ବିଦ୍ୟାର୍ଥୀ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଏକତ୍ର ହୋଇଥିଲେ । ଏହି ବନ୍ଧୁ ମାନେ ନିଜ ନିଜ ଭିତରେ ସୁସମ୍ପର୍କ ସ୍ଥାପନ କରି ଆଗାମୀ ଦିନରେ ପ୍ରତ୍ୟେକ କାର୍ଯ୍ୟକ୍ରମରେ ସମସ୍ତେ ସମସ୍ତଙ୍କୁ ସହଯୋଗ କରିବାକୁ ନିଷ୍ପତ୍ତି ନିଆଯାଇଛି । କାର୍ଯ୍ୟକ୍ରମରେ ତନୁଜ ଭୋଇ, ବିରୁ ଜେନା, ଦ୍ୱିତୀୟ ପାତ୍ର, ସାଇରମ ବେହେରା, ବିରୁ ବୁର୍ଗୀ, ସତ୍ୟ ପଣ୍ଡା, ଚିତ୍ତ ପଟନାୟକ, ଟିକୁ ଭୋଇ, ସିଲୁ ପତି, ଅରୁଣ ସାହୁ, ଗୋପାଳ ନାୟକ, ଚରଣ ପ୍ରଧାନ, ଅନନ୍ତ ପଟ୍ଟନାୟକ, ରଞ୍ଜନ ପାତ୍ର, ଟିଟି ଭୋଇ, ମକରନ୍ଦ ଦିଗାଲ, ସାମ ଦଳବେହେରା ଓ ସୁମନ କହଁରଙ୍କ ସମେତ ୩୦ ଜଣ ଯୁବବନ୍ଧୁ ଯୋଗ ଦେଇଥିଲେ ।

## ଭାରୋତ୍ତୋଳନରେ ବାଲିପଦର ଛାତ୍ରଙ୍କ କୃତିତ୍ୱ



**ବୁଗୁଡା, ୧୩।୧(ସମିସ):** ସର୍ବ ଭାରତୀୟ ଉତ୍ତର-ପୂର୍ବ କ୍ଷେତ୍ରସ୍ତରୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଭାରୋତ୍ତୋଳନ ପ୍ରତିଯୋଗିତାରେ ସ୍ଥାନୀୟ ବାଲିପଦର ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟର ଛାତ୍ର ଦାମୋଦର ପାଣିଗ୍ରାହୀ ରୌପ୍ୟ ପଦକ ହାସଲ କରି ବୁଗୁଡା ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି । ପଞ୍ଜାବ ରାଜ୍ୟର ଲଭଲି ପ୍ରଫେସନାଲ ୟୁନିଭରସିଟି ପରିସରରେ ଆୟୋଜିତ ପ୍ରତିଯୋଗିତାରେ ଅଂଶଗ୍ରହଣ ସ୍ନାଚରେ ୧୧୬ କି.ଗ୍ରା ଏବଂ କ୍ଲିନ୍ ଏଣ୍ଡ ଜର୍କରେ ୧୫୦ କି.ଗ୍ରା ଭାରୋତ୍ତଳନ କରି ରୌପ୍ୟ ପଦକ ହାସଲ କରିଥିଲେ । ଭାରୋତ୍ତଳନକାରୀ ଦାମୋଦର ତାଙ୍କର ଏହି କୃତିତ୍ୱ ଯୋଗୁଁ ବିଭିନ୍ନ ମହଲରୁ ପ୍ରଶଂସା ଦ୍ୱାରା ପ୍ରଦର୍ଶିତ ସମ୍ମାନ ପାଇଛନ୍ତି ।

## କବିସୂର୍ଯ୍ୟ ବଳଦେବ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

**କବିସୂର୍ଯ୍ୟନଗର, ୧୩।୧(ସମିସ):** କବିସୂର୍ଯ୍ୟନଗର ଆଠଗଡ଼ପାଟଣା ହାଇସ୍କୁଲ ଠାରେ ଆୟୋଜିତ କବିସୂର୍ଯ୍ୟ ବଳଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ ବଡଆଗୁଳ ଓ ଘୋଡ଼ାପଲାଣ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଘୋଡାପଲାଣ ଟସ ଜିତି ପ୍ରଥମେ ବୋଲିଂ କରିଥିଲା । ନିର୍ଦ୍ଧାରିତ ୧୬ ଓଭରରେ ବଡଆଗୁଳ ୧୩୦ ରନ ସଂଗ୍ରହ କରିଥିଲା । ଜବାବରେ ସମସ୍ତ ବିକେଟ ହରାଇ ଘୋଡାପଲାଣ ୧୧୬ ସଂଗ୍ରହ କରି ରନର ହୋଇଥିଲା । ବିଜେତା ଦଳ ବଡଆଗୁଳ କପ ସହ ୨୩ ହଜାର ଓ ଉପବିଜେତା ଘୋଡ଼ାପଲାଣ ଦଳକୁ କପ ସହ ୧୦ ହଜାର ପ୍ରଦାନ କରାଯାଇଥିଲା । ଉଦଯାପନୀ ଉତ୍ସବର ଅତିଥି ଭାବେ ଯୁବନେତା ତଥା ସମାଜସେବୀ ରାମପ୍ରସାଦ ମହାରଣା, ଚନ୍ଦ୍ରଶେଖର ପ୍ରଧାନ, ପିତାମ୍ବର ସେଠୀ, ଅକ୍ଷୟ ପାତ୍ର, ଆଦିତ୍ୟନାଥ ତ୍ରିପାଠୀ ଓ ଲକ୍ଷ୍ମୀନାରାୟଣ ପାଇକରାୟ ଯୋଗ ଦେଇ ଖେଳାଳିଙ୍କ ମନୋବଳ ବଢ଼ାଇଥିଲେ ।

# ମିଳନରେ ମତୁଆଲା ବିରଳ ଅଲିଭ୍ ରିଡ୍‌ଲେ କଇଁଛ

## ଓଡ଼ିଶା ଉପକୂଳରେ ୮ ମାସିଆ ଅତିଥି

**ଗଞ୍ଜାମ, ୧୩।୧(ସମିସ)**

ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ସାମୁଦ୍ରିକ କଇଁଛ ଏନ୍ତୁଡ଼ିଶାଳ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଗଞ୍ଜାମ ଜିଲ୍ଲାର ରଷିକୁଲ୍ୟା ମୁହାଁଣ ନୀଳ ଜଳରାଶି ମଧ୍ୟରେ ବିରଳ ପ୍ରଜାତିର ଅଲିଭ ରିଡଲେ କଇଁଛଙ୍କ ମିଳନ ପ୍ରକ୍ରିୟା ଜାରି ରହିଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି । ବର୍ତ୍ତମାନ ବହୁ ପରିମାଣରେ ମାଇ ଓ ଅଣ୍ଡିରା ସାମୁଦ୍ରିକ କଇଁଛ ମାନଙ୍କ ମିଳନ ହେଉଥିବା ନେଇ ବିଭାଗ ପକ୍ଷରୁ ସୂଚନା ରହିଛି । ଡିଏଫଓ ସନି ଖୋଖର ଓ ଏସିଏଫ ଦିବ୍ୟ ଶଙ୍କର ବେହେରା ରଷିକୁଲ୍ୟା ମୁହାଁଣ ପରିଦର୍ଶନ କରିବା ସହ ସେମାନଙ୍କ ସୁରକ୍ଷା ପ୍ରତି ଗୁରୁତ୍ୱ ଦେଉଥିବା ଜଣାପଡ଼ିଛି । ବିଶେଷକରି ରଷିକୁଲ୍ୟା ମୁହାଁଣକୁ



ସାମୁଦ୍ରିକ କଇଁଛ ମାନେ ସେମାନଙ୍କ ଏନ୍ତୁଡ଼ିଶାଳ ଭାବେ ବାଛି ନେଇଥାନ୍ତି । ଯାହାକୁ ନେଇ ନଭେମ୍ବର ମାସରୁ ୮ ମାସ ପର୍ଯ୍ୟନ୍ତ ଓଡ଼ିଶାର ସମୁଦ୍ରର ନୀଳ ଜଳରାଶି ମଧ୍ୟରେ ରହିବା ପାଇଁ ସେମାନେ ଭଲ ପାଇଥାନ୍ତି । ଶ୍ରୀଲଙ୍କାର କଲମ୍ବୋ, ଜାଫାନା ଓ କାଲମୋନାଇଁ ଅଞ୍ଚଳରୁ ସମୁଦ୍ର ଜଳ ପଥରେ ହଜାର ହଜାର କିଲୋମିଟର ଅତିକ୍ରମ କରି ଓଡ଼ିଶା ଉପକୂଳକୁ ସେମାନେ ଆସିଥାନ୍ତି । ପର୍ଯ୍ୟାୟ କ୍ରମେ ମିଳନ ପ୍ରକ୍ରିୟା, ଗଣ ଅଣ୍ଡାଦାନ ଓ ଛୁଆ ଫୁଟିବା ପରେ ସେମାନେ ୪ ମାସ ପାଇଁ ଶ୍ରୀଲଙ୍କା ଅଞ୍ଚଳକୁ ଖାଦ୍ୟ ଅନ୍ୱେଷଣରେ ଚାଲିଯାଇଥାନ୍ତି । ଗତ ବର୍ଷ ଗଣ ଅଣ୍ଡାଦାନ ହୋଇନଥିବା ବେଳେ ୨୦୨୧-୨୨ରେ ୫ଲକ୍ଷ ୫୦ ହଜାରରୁ ଉର୍ଦ୍ଧ୍ୱ ଓ ୨୦୨୨-୨୩ରେ ୬ ଲକ୍ଷ ୩୭ ହଜାର ସାମୁଦ୍ରିକ ଅଲିଭ ରିଡଲେଙ୍କ ସାମୂହିକ ଅଣ୍ଡାଦାନ ହୋଇଥିଲା । ଅନ୍ୟପଟେ କଇଁଛ ସୁରକ୍ଷା ନେଇ ପୁରୁଣାବନ୍ଧ ଗ୍ରାମ ଠାରୁ ପୋଡ଼ମପେଟା ଗ୍ରାମ ବେଳାଭୂମିରେ ବନବିଭାଗ ତରଫରୁ ମଜବୁତ ଜାଲିବାଡ଼ କାର୍ଯ୍ୟ ଚାଲୁ ରହିଛି ।

## ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ

**ରମ୍ଭା, ୧୩।୧(ସମିସ):** ଖଲ୍ଲିକୋଟ ସ୍ଥିତ ଶିଶୁ ବିକାଶ ବିଦ୍ୟା ମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ତଥା ସମାଜସେବୀ ଏବଂ ଶିଶୁ ବିକାଶ ବିଦ୍ୟା ମନ୍ଦିରର ଉପସଭାପତି ଅଶୋକ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ଖଲ୍ଲିକୋଟ ବ୍ଲକ ଉପାଧ୍ୟକ୍ଷାଙ୍କ ପ୍ରତିନିଧି କାଳୁରାମ ମହାରଣା ଯୋଗ ଦେଇଥିଲେ । ଭାରତୀୟ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନର ରାଜ୍ୟ ସମ୍ପାଦକ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବରେ କେଶପୁର ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ବିଷ୍ଣୁ ପ୍ରସାଦ ଦାସ ଯୋଗ ଦେଇଥିଲେ । ଅନୁଷ୍ଠାନର ସମ୍ପାଦକ ଭାଗିରଥି ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲେ । ସିଆରସିସି ଡକ୍ଟର ଦ୍ୱାରିକା ନାଥ ମହାରଣା ମଞ୍ଚ ପରିଚାଳନା କରିଥିବା ବେଳେ ସହ ସମ୍ପାଦକ ରୋହିତ ସ୍ୱାଇଁ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ଓ ମାତୃ ଭାରତୀ ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଥିବା ମା'ମାନଙ୍କୁ ଅତିଥି ମାନେ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଅଭିଭାବକ, ଛାତ୍ରଛାତ୍ରୀ ଓ ଭଦ୍ରବ୍ୟକ୍ତି ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ ।






# ସବୁଜ ଗୃହରେ ଲିଲିୟମ୍ ଫୁଲ ଚାଷ



**ସୌନ୍ଦର୍ଯ୍ୟ, ସୁଗନ୍ଧ ଓ ସର୍ବୋପରି ବିଭିନ୍ନ ରଙ୍ଗର ଆକର୍ଷଣୀୟ ଲିଲିୟମ୍ ଫୁଲ କଟା ଫୁଲ ଭାବେ ଜଣାଶୁଣା । ଏହି ଫୁଲ କାହାଳୀ ଆକାରର । ଫୁଲର ରଙ୍ଗ ଧଳା, ଗୋଲାପି, ଲାଲ, ହଳଦିଆ, କମଳା, ମେରୁନ୍ ଓ ଗାଢ଼ ଲାଲ ଆଦି ହୋଇଥାଏ । ବିଦେଶୀ ପ୍ରଜାତିର ଏହି ଫୁଲଟି ବର୍ତ୍ତମାନ ଓଡ଼ିଶାରେ ବହୁଳ ଭାବରେ ବ୍ୟବହୃତ ହେଉଛି । ରଙ୍ଗ ବେରଙ୍ଗର ଲିଲିୟମ୍ ଫୁଲ ବିନା ଫୁଲତୋଡ଼ା ଅସମ୍ପୂର୍ଣ୍ଣ ମନେ ହୁଏ । ବିବାହ ତଥା ଅନ୍ୟାନ୍ୟ ଉତ୍ସବରେ ସାଜସଜ୍ଜା ପାଇଁ ଏହି ଫୁଲ ଅଧିକ ବ୍ୟବହୃତ ହୋଇଥାଏ । ହେଲେ ଚାହିଦା ଅନୁସାରେ ଆମ ରାଜ୍ୟରେ ଏହାର ଉତ୍ପାଦନ କମ୍ । ଏହି ଫୁଲର ଦରଦାମ ବେଶ୍ ଅଧିକ ଥିବାବେଳେ ଆମ ରାଜ୍ୟର ଚାଷୀ ସବୁଜ ଗୃହରେ ବ୍ୟବସାୟିକ ଭିତ୍ତିରେ ଏହାକୁ ଚାଷ କରିପାରିବେ ।**

ଓଡ଼ିଶାରେ ଲିଲିୟମ୍ ଚାଷ ପାଇଁ ଏସିଆଟିକ୍ ଲିଲିୟମ୍ ଓ ଓରିଏଣ୍ଟାଲ କିସମକୁ ଲାଭଜନକ ଭାବେ କରାଯାଇପାରୁଛି । ଏସିଆଟିକ୍ ଲିଲିୟମ୍‌ରେ - ବ୍ଲାକ୍ ଆଉଟ୍, ଟ୍ରେସର, ପାରିଆ, ନାସ୍‌ଭିଲେ, ମେରେଣ୍ଟ ଓ ନିଭୱେଭ, ଅରେଞ୍ଜ ମାଟ୍ରିକ୍ସ, ନୋଭ୍ ସେଣ୍ଟୋ, ମୋଣ୍ଟେନଗ୍ରୋ ଓ ଓରିଏଣ୍ଟାଲ କିସମରେ ଟ୍ରପିକାଲ ଏବଂ ସୋର୍‌ବନେ ଆଦି କିସମ ଉପଯୋଗୀ । ଲିଲିୟମ୍ ଏକ କନ୍ଦ ଜାତୀୟ ଫୁଲ ହୋଇଥିବାରୁ ଏହାର ବଂଶବିସ୍ତାର କନ୍ଦ ଦ୍ୱାରା ହୋଇଥାଏ । ଏହି କନ୍ଦଗୁଡ଼ିକ ୩ ମାସ ପର୍ଯ୍ୟନ୍ତ ୪ରୁ ୭ ଡିଗ୍ରୀ ତାପମାତ୍ରାରେ ଶୀତଳୀ କରିବା ପରେ ଏଥିରେ ଗଜା ବାହାରିଥାଏ ଏବଂ କୁଣ୍ଡ କିମ୍ବା ସବୁଜ ଗୃହରେ ଲଗାଇବା ଉପଯୋଗୀ ହୋଇଥାଏ । ଏହା ତିନିମାସିଆ ଫସଲ । ଶୀତଦିନେ ଏହି ଫୁଲ ଚାଷ ଭଲ ହେଉଥିବାରୁ ଏହାକୁ ସବୁଜ ଗୃହରେ କରାଯାଇଥାଏ ।

ବେସରକାରୀ ନର୍ସରୀରୁ ଲିଲିୟମ୍ ଚାରା ଆଣି ଏହାକୁ ସବୁଜ ଗୃହରେ ଦୋରସା ମାଟି, ନଡ଼ିଆ କତା ଗୁଣ୍ଡ, ଶଢ଼ା ଗୋବର ଖତର ନିର୍ଦ୍ଦିଷ୍ଟ ଭାଗମାପ ଦେଇ ଲଗାଇବାକୁ ହୁଏ । ସବୁଜ ଗୃହର ବ୍ୟବହୃତ ଛାୟା ଜାଲିରେ ଶତକଡ଼ା ୪୦ରୁ ୫୦ ଭାଗ ଛାୟା ପ୍ରଦାନ କରିବା ଉଚିତ । ଏହା ସହ ଗୃହର ଉର୍ଦ୍ଧ୍ୱରେ ଚଳାଚଳ ପାଇଁ ବ୍ୟବସ୍ଥା ଜରୁରି । ଲିଲିୟମ୍ କନ୍ଦଗୁଡ଼ିକୁ ୨୦ ସେମି x ୧୫ ସେମି ଦୂରତାରେ ଲଗାଯାଇଥାଏ । ଏହିପରି ହଜାର ବର୍ଗ ମିଟରରେ ପ୍ରାୟ ୨୭୦୦୦ କନ୍ଦ ଲଗାଯାଇଥାଏ । ଜଳରେ ଦ୍ରବୀଭୂତ ଏନ୍‌ପିକେ ସାର ଶତକଡ଼ା ୦.୨ ଭାଗ ମିଶାଇ ସପ୍ତାହରେ ଥରେ ପୁଷ୍ଟିସେଚନ କରାଯାଏ । ଗଛରେ ପ୍ରଥମ କଢ଼ଟି ସମ୍ପୂର୍ଣ୍ଣ ରୂପେ ବୃଦ୍ଧିପାଇ ତା'ର ପ୍ରକୃତ ରଙ୍ଗ ଦେଖାଦେଲେ, ଭୂମି ଉପରକୁ ୮ ରୁ ୧୦ ସେମି ଛାଡ଼ି ଫୁଲ ସ୍ତବକଟିକୁ କଟାଯାଇ ଏହାକୁ ପାଣି ବାଲ୍ଟିରେ ରଖାଯାଏ । ଫୁଲ ସ୍ତବକକୁ ରବରବ୍ୟାଣ୍ଡରେ ବାନ୍ଧି ବଜାରକୁ ପଠାଯାଏ । ସବୁଜ ଗୃହରେ ଅତିକମ୍‌ରେ ପାଞ୍ଚବର୍ଷ ପର୍ଯ୍ୟନ୍ତ ଲିଲିୟମ୍ ଚାଷ କରାଯାଇପାରିବ ।

# ଆଳୁ ଫସଲରେ ରୋଗପୋକ ନିୟନ୍ତ୍ରଣ



**ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ । କୃଷି ହେଉଛି ଗ୍ରାମାଞ୍ଚଳର ଲୋକଙ୍କ ମୁଖ୍ୟ ଜୀବିକା । ବିଭିନ୍ନ ଜିଲ୍ଲାରେ ଲୋକେ ଆଳୁ ସହ ଅନ୍ୟ ପନିପରିବା ଚାଷ କରୁଛନ୍ତି । ଶୀତଦିନେ ଆଳୁ ଗଛ ବଢ଼ିବାର ସମୟ ହୋଇଥିବାବେଳେ କୁହୁଡ଼ି ଓ କମ୍ ତାପମାତ୍ରା ଏହି ଫସଲ ପାଇଁ ନାନା ସମସ୍ୟା ସୃଷ୍ଟି କରେ । ତେଣୁ ଶୀତଦିନିଆ ଆଳୁ ଚାଷରେ ଲାଗୁଥିବା ରୋଗପୋକକୁ ଚିହ୍ନଟ କରି କିପରି ନିୟନ୍ତ୍ରଣ କରିହେବ, ଜାଣି ରଖନ୍ତୁ ।**

**ଆଲୋକଯନ୍ତାରେ ଉଡ଼ାପୋକ ନିୟନ୍ତ୍ରଣ :** ବର୍ତ୍ତମାନ ସମୟରେ ଆଳୁ ଗଛ ବୃଦ୍ଧି ଅବସ୍ଥାରେ ଥିବାବେଳେ ଧଳାମାଛି ପୋକର ସଂକ୍ରମଣ ଆଶଙ୍କା ଅଧିକ ରହିଥାଏ । ଏହି ପୋକ ଲାଗିବା ଦ୍ୱାରା ଗଛ ଶୁଖିଯାଏ । ମାଇ କୀଟ ମାଟିରେ ଅଣ୍ଡା ଦେଇ ବଂଶବିସ୍ତାର କରିଥାନ୍ତି । ଫଳରେ ଫସଲ କ୍ଷତିଗ୍ରସ୍ତ ହୋଇଥାଏ । କୃଷି ବିଶେଷଜ୍ଞଙ୍କ ଅନୁସାରେ, ଏହି କୀଟ ନିୟନ୍ତ୍ରଣ ପାଇଁ ସନ୍ଧ୍ୟା ୭ରୁ ୯ ଟା ମଧ୍ୟରେ ଆଲୋକଯନ୍ତା ପ୍ରତି ହେକ୍ଟର ଅନୁସାରେ, ଲଗାଇବା ଉଚିତ ।

**ପତ୍ରପୋଡ଼ା ଆଶଙ୍କା:** ପତ୍ରପୋଡ଼ା ରୋଗ ଦେଖାଦେଲେ, ସେଠାରେ ମେଟାଲାକ୍ସିଲ ଓ ମାଙ୍କୋଜେବର ମିଶ୍ରିତ ଔଷଧ ଗଛରେ ସିଞ୍ଚନ କରନ୍ତୁ । ସେହିପରି ବୁଣିବା ସମୟରେ କିମ୍ବା କିଛିଦିନ ପରେ କାର୍ବୋଫ୍ୟୁରାନ ୩ ଜିକୁ ୨୫ କିଗ୍ରା ପ୍ରତି ହେକ୍ଟର ପିଛା ଉପଯୋଗ କରିବା ଜରୁରି ।

**ଝାଉଁଳା ରୋଗ:** ଆଳୁ ଫସଲ ପାଇଁ ଝାଉଁଳା ରୋଗ ବହୁତ କ୍ଷତିକାରକ । ଏହି ରୋଗ ପ୍ରକୋପରୁ ଆଳୁ ଗଛର ପତ୍ରର ଉପରୁ ଶୁଖି ଶୁଖି ଆସେ । ପତ୍ରକୁ ଧରିଲେ ଏହା ହାତକୁ ମଡ଼ ମଡ଼ ଶବ୍ଦ ହୁଏ । ଏହି ରୋଗ ଯୋଗୁଁ ଚାଷୀଙ୍କୁ ୪୦ରୁ ୫୦ ପ୍ରତିଶତ କ୍ଷତି ସହିବାକୁ ପଡ଼ିଥାଏ । ଯେହେତୁ ଚାଷୀମାନେ ଏହି ରୋଗକୁ ସହଜରେ ଚିହ୍ନଟ କରିପାରନ୍ତି, ତେଣୁ ରୋଗ ନିୟନ୍ତ୍ରଣ ପାଇଁ ଚାଷୀ ତଳି ଲଗାଇବାର ୧୫ ଦିନ ଅନ୍ତରରେ ମାଙ୍କୋଜେବ ୧୭.୫ ପ୍ରତିଶତ ୨ ଗ୍ରାମ୍ ପ୍ରତି ଲିଟର ପାଣିରେ ମିଶାଇ ଫସଲରେ ସିଞ୍ଚନ କରିବା ଜରୁରି । ଅଧିକ ସଂକ୍ରମଣ ହେଲେ, ମାଙ୍କୋଜେବ, ମେଟାଲାକ୍ସିଲ ଏବଂ କାର୍ବେଣ୍ଡାଜିମ୍‌ର ମିଳିତକୁ ୨ ଗ୍ରାମ୍ ମାତ୍ରାରେ ଏକ ଲିଟର ପାଣିରେ ମିଶାଇ ଫସଲରେ ସିଞ୍ଚନ କରିବା ଜରୁରି ।

**ଶୋଷକ କୀଟ:** ବର୍ତ୍ତମାନ କମ୍ ତାପମାତ୍ରା ଓ କୁହୁଡ଼ି ଯୋଗୁଁ ଆଳୁ ଫସଲରେ ଶୋଷକ କୀଟ ଲାଗିବାର ଭୟ ରହିଛି । ଏହି କୀଟ ହେଉଛନ୍ତି ଭୂତାଣୁ ଜନିତ ରୋଗର ବାହକ । ଏହି ପୋକ ଗଛର ପତ୍ରରୁ ରସ ଶୋଷି ନେଇ ଗଛକୁ କମ୍‌ଜୋର କରିଦିଅନ୍ତି । ଫଳରେ ପତ୍ର ଏବଂ କାଣ୍ଡ ନଷ୍ଟ ହୋଇଯାଏ । ତେଣୁ ଏହାର ପରିଚାଳନା ପାଇଁ ଗଛରେ ୩ ମିଲି ଇମିଡାକ୍ଲୋପ୍ରିଡ ୧୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସେହିପରି ଆଳୁ ଫସଲରେ ଅକ୍ସି ଡେମେଟାନ –ମିଥାଇଲ ୨୫ ପ୍ରତିଶତରେ ୧ ଲିଟର ପ୍ରତି ହେକ୍ଟର, ଥିୟୋମିଥୋକ୍ସାମ ୨୫ ପ୍ରତି ଶତ ୧୦୦ ଗ୍ରାମ୍ ପ୍ରତି ହେକ୍ଟର ପିଛା ପାଣିରେ ମିଶାଇ ସିଞ୍ଚନ କରିବା ଜରୁରି ।

# ଗେଣ୍ଡୁଫୁଲରୁ କୁକୁଡ଼ା ଖାଦ୍ୟ



ଭାରତର ୭୦ ପ୍ରତିଶତ ଲୋକ କୃଷି କାର୍ଯ୍ୟ ସହିତ ପଶୁପାଳନ ଉପରେ ନିର୍ଭରଶୀଳ । ଅଧିକାଂଶ ଗାଈ, ମଇଁଷି, ଘୁଷୁରି, ଛେଳି , କୁକୁଡ଼ା ଆଦି ପାଳିଥାନ୍ତି । ଏହି କ୍ରମେ ଯୁବପିଢ଼ି କୁକୁଡ଼ା ପାଳନକୁ ଆଦରି ନେଇଛନ୍ତି । କୁକୁଡ଼ା ପାଳନରେ କୁକୁଡ଼ାଙ୍କୁ ଉନ୍ନତମାନର ଦାନା ଦେବା ଦ୍ୱାରା ଅଧିକ ଅଣ୍ଡା ଉତ୍ପାଦନ ହୋଇଥାଏ । ଯଦିଓ ବଜାରରେ ବିଭିନ୍ନ ଉତ୍ପାଦର ଦାନା ଉପଲବ୍ଧ ରହିଛି, ଏବେ କିନ୍ତୁ ଗେଣ୍ଡୁ ଫୁଲରୁ ପ୍ରସ୍ତୁତ କୁକୁଡ଼ା ଦାନାର ଚାହିଦା ବଢ଼ୁଛି । ଏହି ଦାନା ସ୍ୱାସ୍ଥ୍ୟପ୍ରଦ । ଗେଣ୍ଡୁ ଫୁଲରେ ଆଣ୍ଟିଅକ୍ସିଡାଣ୍ଟ ମିଳିଥାଏ । ଏହା କୁକୁଡ଼ାଙ୍କୁ ସୁସ୍ଥ ଓ ନୀରୋଗ ରଖିବାରେ ସାହାଯ୍ୟ କରେ । ଜର୍ଣ୍ଣାଲ ଅଫ୍ ପୋଲ୍ଟ୍ରି ସାଇନ୍ସ ଅନୁସାରେ, ଗେଣ୍ଡୁଫୁଲ ଅର୍କର ଲାଭ ବିଷୟରେ ଜାଣିବାକୁ ଏକ ଅଧ୍ୟୟନ କରାଯାଇଥିଲା । ଗେଣ୍ଡୁ ଫୁଲରୁ ତିଆରି ଦାନାକୁ କୁକୁଡ଼ାଙ୍କୁ ଖାଇବାକୁ ଦେବା ଦ୍ୱାରା ଏହା ଅଣ୍ଡାର କେଶରକୁ ଅଧିକ ହଳଦିଆ କରିଥାଏ । ଏହି ଦାନା ଅଣ୍ଡାରେ କେରାଟିନ୍ ବୃଦ୍ଧି ସହ ରୋଗ ପ୍ରତିରୋଧକ କ୍ଷମତା ବଢ଼ାଇବାରେ ସାହାଯ୍ୟ କରେ । ଫଳରେ କୁକୁଡ଼ା ଅଣ୍ଡାର ଓଜନ ବୃଦ୍ଧି ସହ ଅଣ୍ଡା ଉତ୍ପାଦନରେ ବୃଦ୍ଧି ହୋଇଥାଏ । ଗେଣ୍ଡୁ ଫୁଲର ପାଖୁଡ଼ାକୁ ଶୁଖାଇ ଏଥିରୁ ଦାନା ପ୍ରସ୍ତୁତ କରାଯାଏ । କୃଷି ବୈଜ୍ଞାନିକଙ୍କ ମୁତାବକ, ଯଦି ୧୦୦ କିଗ୍ରା ଦାନାରେ ୨ରୁ ୩ କିଲୋ ଫୁଲର ପାଖୁଡ଼ା ମିଳାଇ ପ୍ରତିଦିନ କୁକୁଡ଼ାଙ୍କୁ ଖାଇବାକୁ ଦିଆଯାଏ, ଏହା ଅଣ୍ଡା ଉତ୍ପାଦନରେ ସାହାଯ୍ୟ କରେ ।

# ମଣିପୁରୀ ଇଲିଶି ପେଙ୍ଗବା



ପେଙ୍ଗବା ମଣିପୁର ରାଜ୍ୟର ମାଛ ଅଟେ । ଏହି ମାଛ ମଣିପୁର ଲୋଗ୍‌ତକ୍ ହ୍ରଦରେ ଦେଖାଯାଏ । ଏହା ସେମାନଙ୍କର ପ୍ରିୟ ଖାଦ୍ୟ । ଏହି ମାଛ ପଶ୍ଚିମବଙ୍ଗରେ ଇଲିଶି ଭଳି ଅଧିକ ଦାମରେ ବିକ୍ରି ହୁଏ । ଏହି ମାଛର ବୈଜ୍ଞାନିକ ନାମକରଣ ହେଲା ଓଷ୍ଟେଓବ୍ରାମା ବେଲାଙ୍ଗିରି । ଏହା ଇଲିଶି ମାଛ ପରି ସୁସ୍ୱାଦୁ ହୋଇଥିବାରୁ ଏହାକୁ ମଧୁରଜଳ ଇଲିଶି ବା ମଣିପୁରି ଇଲିଶି ବୋଲି କୁହାଯାଏ । ଏହି ମାଛର ଯାଆଁଳ ବର୍ଷାଋତୁରେ ଉତ୍ପାଦନ କରାଯାଇ ଭୁବନେଶ୍ୱର କୌଶଲ୍ୟାଗଙ୍ଗ ସ୍ଥିତ 'ସିଫା' ଗବେଷଣା ପ୍ରତିଷ୍ଠାନ ଠାରେ ବିକ୍ରି କରାଯାଇଥାଏ । ଏହା ଏକ ମଧ୍ୟମ ଆକାରର କାର୍ପ ମାଛ ହୋଇଥିବାରୁ ଏହାକୁ ଭାକୁର, ରୋହି ଓ ମିରିକାଳି ମାଛ ସହିତ ଅନ୍ତଃଚାଷ ହିସାବରେ ଚାଷ କରାଯାଇଥାଏ । ଏହାର ପୋଖରୀରେ ଛାଡ଼ିବା ହାର ଭାକୁର, ରୋହି, ମିରିକାଳିକୁ ଏକର ପିଛା ତିନିହଜାର ରଖାଯାଇ ଅତିରିକ୍ତ ଭାବେ ୩୦୦ରୁ ୫୦୦ ସଂଖ୍ୟାରେ ଛଡ଼ାଯାଏ । ଏହି ଅନ୍ତଃଚାଷ ମାଛ ଚାଷ ଦ୍ୱାରା ଚାଷୀମାନେ ଅଧିକ ଅମଳ ପାଇପାରିବେ ।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ...

- ବର୍ତ୍ତମାନ ଡାଲୁଅଧାନର ତଳିଘେରା ପ୍ରସ୍ତୁତି ପାଇଁ ଉପଯୁକ୍ତ ସମୟ । ଏକ ଏକର ଧାନ ଚାଷ ପାଇଁ ୧୦ ଡେସିମିଲ ତଳିଘେରା ପ୍ରସ୍ତୁତ କରନ୍ତୁ । ତଳି ଭଲ ବଢ଼ିବା ଏବଂ ଚେର ମାଟିକୁ ଧରିବା ପାଇଁ ଜମିରେ ପତଳା ପାଣି ସ୍ତର ରଖନ୍ତୁ ।
- କୁହୁଡ଼ି, କମ୍ ତାପମାତ୍ରା ଓ ଆର୍ଦ୍ରତା ଚାପରୁ କ୍ଷତିକୁ ଦୂରେଇବା ପାଇଁ, ଛିଡ଼ା ହୋଇଥିବା ଫସଲ ଓ ପନିପରିବାରେ ହାଲୁକା ଜଳସେଚନ କରନ୍ତୁ ।
- ଆଖୁରେ ନାଲିଶଢ଼ା ରୋଗ ନ ହେବା ପାଇଁ ସିଓ-୭୨୧୯ , ସିଓ-୮୩୭୧, ସିଓ-୮୦୧୩, ସିଓ-୮୦୧୪, ସିଓ-୬୯୦୭ , ସିଓ-୭୬୦୧ ଓ ସିଓ-୭୬୦୨ କିସମ ଚୟନ କରନ୍ତୁ । ଆଖୁ ବିହନ ଲଗାଇବା ପୂର୍ବରୁ ବିହନ ବିଶୋଧନ କରିବା ନିହାତି ଜରୁରି ।



# ଜୈବିକ କୀଟନାଶକ

ପନିପରିବା ହେଉ କି ଫୁଲ ଚାଷ, ଫସଲରେ ବିଭିନ୍ନ ରୋଗପୋକ କ୍ଷତି କରିଥାନ୍ତି । ଏହାଦ୍ୱାରା ଉତ୍ପାଦନ ହ୍ରାସ ପାଇଥାଏ । ଫଳରେ ଚାଷୀଙ୍କୁ ଆର୍ଥିକ କ୍ଷତି ସହିବାକୁ ହୁଏ । ତେବେ ଏପରି କ୍ଷେତ୍ରରେ ଚାଷୀମାନେ ଫସଲରେ ଲାଗୁଥିବା କାଣ୍ଡବିନ୍ଧା ପୋକ, ଫଳବିନ୍ଧା, ଛୁଇଁବିନ୍ଧା, ପତ୍ରମୋଡ଼ା ଇତ୍ୟାଦି ପୋକମାନଙ୍କୁ ନିୟନ୍ତ୍ରଣ କରିବା ପାଇଁ ଅଗ୍ନେୟାସ୍ତ୍ର ବ୍ୟବହାର କରିପାରିବେ । ଏହା ଏକ ଜୈବିକ କୀଟନାଶକ ।

ଅଗ୍ନେୟାସ୍ତ୍ର ତିଆରି କରିବାକୁ ପ୍ରଥମେ ୫୦ ଲିଟର କ୍ଷମତା ବିଶିଷ୍ଟ ପ୍ଲାଷ୍ଟିକ୍ ଡ୍ରମ୍, ଗୋମୂତ୍ର ଲିଟର, ଧୂଆଁପତ୍ର- ଏକ କିଗ୍ରା, ନିମ୍ବପତ୍ର- ୫ କିଗ୍ରା, କଞ୍ଚାଲଙ୍କା-୫୦୦, ରସୁଣ-୫୦୦ ଗ୍ରାମ୍ , ଛଣାକପଡ଼ା ଆବଶ୍ୟକ ହୋଇଥାଏ । ଏଥିପାଇଁ ପ୍ରଥମେ ଏକ ପ୍ଲାଷ୍ଟିକ୍ ଡ୍ରମ୍‌ରେ ୧୦ ଲିଟର ଗୋମୂତ୍ର ଢାଳନ୍ତୁ । ୧ କିଗ୍ରା ଧୂଆଁପତ୍ରକୁ ଛେଚି ଏହାର ମଣ୍ଡକୁ ମିଶାଇ ସେଥିରେ ୫୦୦ ଗ୍ରାମ୍ କଞ୍ଚାଲଙ୍କା ଓ ୫୦୦ ଗ୍ରାମ ରସୁଣକୁ ବାଟି ଭଲଭାବରେ ଏକ ବାଡ଼ି ସାହାଯ୍ୟରେ ଗୋଳାଇବାକୁ ପଡ଼େ । କିଛି ସମୟରେ ପରେ ସେହି ମିଶ୍ରଣରେ ୫ କିଗ୍ରା ନିମ୍ବପତ୍ରକୁ ଛେଚି ଏହାର ମଣ୍ଡକୁ ପକାଇ ଭଲ ଭାବରେ ଗୋଳାଯାଏ । ଏହି ମିଶ୍ରଣକୁ ୩୦ ମିନିଟ୍ ଲେଖାଏଁ ପ୍ରତି ୧ ଘଣ୍ଟା ବ୍ୟବଧାନରେ ଫୁଟାଇବାକୁ ହୁଏ । ମିଶ୍ରଣଟି ଥଣ୍ଡା ହେଲା ପରେ ଗୋଟିଏ ପତଳା କପଡ଼ାରେ ଛାଣି ୨୪ ଘଣ୍ଟା ରଖାଯାଏ । ଆଉ ଡ୍ରମର ମୁହଁକୁ ଭଲ ଭାବରେ ବନ୍ଦ କରିଦିଆଯାଏ ।

ଏକ ଲିଟର ଅଗ୍ନେୟାସ୍ତ୍ରରେ ୫୦ ଲିଟର ପାଣି ମିଶାଇ ସନ୍ଧ୍ୟା ସମୟରେ ପତ୍ର ସିଞ୍ଚନ କରାଯାଏ । ଏହି ଅଗ୍ନେୟାସ୍ତ୍ରକୁ ପ୍ରତି ୧୫ ଦିନରେ ଥରେ ଫସଲରେ ପ୍ରୟୋଗ କରିବା ଆବଶ୍ୟକ । ପନିପରିବା, ଫଳ ଓ ଫୁଲ ଗଛରେ ଏହି ମିଶ୍ରଣକୁ ପ୍ରୟୋଗ କରିପାରିବେ । ମିଶ୍ରଣକୁ ପ୍ରସ୍ତୁତ ହେବା ଦିନରୁ ୬ ମାସ ପର୍ଯ୍ୟନ୍ତ ରଖି ବ୍ୟବହାର କରାଯାଇପାରିବ ।

# ଚାଷକ୍ଷେତ୍ରରେ ଯୁବବର୍ଗଙ୍କ ପ୍ରେରଣା ପ୍ରଦୀପ

## ୨୦ଜଣଙ୍କୁ ଦେଇଛନ୍ତି ରୋଜଗାର

ସଫଳ ଚାଷୀ

**କୁହାଯାଏ, 'ଚାଷ କାମ ଯାହାର କେତେ ସୁଖ ତାହାର'- ଏହି ଉକ୍ତିକୁ ସତ ପ୍ରମାଣିତ କରିଛନ୍ତି ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ଧୂଲୁଣ୍ଡା ଗ୍ରାମର ପ୍ରଦୀପ ବିଶ୍ୱାଳ । ୧୬ ଏକର ଜମିରେ ଚାଷ କରି ସେ ବର୍ଷକୁ ଲକ୍ଷାଧିକ ଟଙ୍କା ଆୟ କରୁଛନ୍ତି । ଏହି ଚାଷକାମରୁ ନିଜେ ସ୍ୱାବଲମ୍ବୀ ହେବା ସହ ଏକାଧିକ ବ୍ୟକ୍ତିଙ୍କୁ ରୋଜଗାର ଦେଇ ଉଦାହରଣ ସୃଷ୍ଟି କରିଛନ୍ତି ।**



ପ୍ରଦୀପ ୧୯୯୫ ମସିହାରେ ବୁର୍ଲା ବିଶ୍ୱବିଦ୍ୟାଳରୁ ସ୍ନାତକୋତ୍ତର ପାସ୍ କରିଥିଲେ । ଅନ୍ୟମାନଙ୍କ ପରି ସେ ଚାକିରି ପଛରେ ନ ଗୋଡ଼ାଇ ସମାଜସେବାରେ ସାମିଲ ହେଲେ । ଚାରପାଲିର ସରପଞ୍ଚ ହୋଇଥିଲେ । ଏବେ ସେ ସେବା ସମବାୟ ସମିତିର ସଭାପତି । ହେଲେ ତାଙ୍କର ଅନ୍ୟ ଏକ ପରିଚୟ ହେଉଛି ସେ ଜଣେ ସଫଳ ଚାଷୀ । ସେ ୧୬ ଏକର ଚାଷ ଜମିରେ ବିଭିନ୍ନ ପ୍ରକାର ଚାଷ କରିଥାନ୍ତି । ସେ ୫ ଏକରରେ ଟମାଟୋ, ଏକରରେ ଲାଉ, ତିନି ଏକରରେ ଭେଣ୍ଡି, ଅଧା ଏକରରେ ବିନ୍ସ, ଅଧା ଏକରରେ କୋବି ଓ ଆଉ ଅଧା ଏକରରେ କଖାରୁ ଚାଷ କରିଥାନ୍ତି । ଏହାବାଦ୍ ୫ ଏକରରେ ମୁଗ ଓ ଦୁଇ ଏକରରେ ସେ ସୋରିଷ ଚାଷ କରିଛନ୍ତି । ସେ ବିଭିନ୍ନ ସମୟରେ ମୂଳା, ଝୁଡ଼ଙ୍ଗ, କଲରା, ବାଇଗଣ, ପୋଟଳ ଆଦି ଋତୁ ଅନୁଯାୟୀ ଚାଷ କରନ୍ତି । ଏଥିରୁ ସେ ବାର୍ଷିକ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ରୋଜଗାର କରିଥାନ୍ତି । ତା'ସହ ୨୦ ଜଣଙ୍କୁ ନିଯୁକ୍ତି ଦେଇଛନ୍ତି ।

**ଜମିରେ ଜଳସେଚନର ସୁବିଧା:** ଚାଷ ପାଇଁ ଜମିରେ ଜଳସେଚନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ । ଏଥିପାଇଁ ପ୍ରଦୀପ ଜମିରେ ଡିପ୍ ବୋରୱେଲ୍ ସହ ଡ୍ରିପ୍, ସ୍ପ୍ରିଙ୍କଲର ପରି ବିଭିନ୍ନ ଅତ୍ୟାଧୁନିକ ଜଳସେଚନ ବ୍ୟବସ୍ଥା କରିଛନ୍ତି। ଫସଲକୁ ଜଙ୍ଗଲୀ ପଶୁଙ୍କ ଦାଉରୁ ରକ୍ଷା ପାଇଁ ଜମି ଚାରିପଟେ ବାଡ଼ ଦେଇଛନ୍ତି । ଫସଲ ପାଇଁ ମାଟି ଚିହ୍ନଟ, ଫସଲରେ ଲାଗୁଥିବା ରୋଗପୋକ ଚିହ୍ନିବା ପାଇଁ ଆବଶ୍ୟକୀୟ ତାଲିମ ନେଇଛନ୍ତି । ସେ ଅଧିକ ଉତ୍ପାଦନକ୍ଷମ ତଥା ଲାଭଦାୟକ ଫସଲ ଆଦି ବିଷୟରେ ବିଭିନ୍ନ ପତ୍ରିକା, ଇଣ୍ଟରନେଟ୍ ଏବଂ ୟୁଟ୍ୟୁବରୁ ପଢ଼ିବା ଏବଂ ଶିଖିବା ଜାରି ରଖିଛନ୍ତି ।

**ବିକ୍ରି ପାଇଁ ନାହିଁ ସମସ୍ୟା:** ଉତ୍ପାଦିତ ଫସଲକୁ ବିକ୍ରି କରିବାକୁ ତାଙ୍କୁ ବଜାରକୁ ଯିବାକୁ ପଡୁନାହିଁ । ପ୍ରଦୀପଙ୍କ ବିଲରୁ ତାଜା ପରିବା ନେବା ପାଇଁ ବିଲରେ ବେପାରୀମାନଙ୍କ ଭିଡ଼ ଲାଗୁଛି । ଏପରିକି ପରିବା ଅଗ୍ରିମ ଟଙ୍କା ଦେବାସହ ସେମାନେ ପରିବା କିଣି ନେଉଛନ୍ତି । ଏହାଦ୍ୱାରା ପ୍ରତିଦିନ ଆୟ ସହ ବିଲରେ କାମ କରୁଥିବା ଶ୍ରମିକଙ୍କୁ ମଜୁରି ଦେବାରେ କିଛି ଅସୁବିଧା ହେଉନାହିଁ । ସବୁ ଖର୍ଚ୍ଚକୁ କାଟି ଦେବା ପରେ ବାର୍ଷିକ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲାଭ ହେଉଥିବା କହିଛନ୍ତି ପ୍ରଦୀପ ।



**ଯୁପପିଢ଼ିଙ୍କ ପାଇଁ ପ୍ରେରଣା:** ଚାଷବାସ କରି କିପରି ନିଜେ ସ୍ୱାବଲମ୍ବୀ ହେବେ ଏବଂ ଅନ୍ୟକୁ ରୋଜଗାର ଦେବେ ସେଥିପାଇଁ ଯୁବପିଢ଼ିଙ୍କୁ ପ୍ରଦୀପ ଉତ୍ସାହିତ କରୁଛନ୍ତି । ଅତ୍ୟାଧୁନିକ ପ୍ରଣାଳୀରେ ଚାଷକରି ଚାକିରିଠୁ ଅଧିକ ରୋଜଗାର କରିହେବ ବୋଲି ପ୍ରଦୀପ କୁହନ୍ତି । ଚାଷବାସରେ ୧୯ ଖଣ୍ଡ ମୌଜା ତଥା ଲଖନପୁର ବ୍ଲକବାସୀଙ୍କ ପାଇଁ ପ୍ରଦୀପ ଏବେ ରୋଲ ମଡେଲ ପାଲଟିଛନ୍ତି ।

- ଟୁଲେଶ୍ୱରୀ ପ୍ରଧାନ
ଜିଲ୍ଲା ପ୍ରତିନିଧି, ଝାରସୁଗୁଡ଼ା

